ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୯ ଏପ୍ରିଲ, ୨୦୨୩



## ସଂକ୍ଷେପରେ

### ପଦ୍ମଶ୍ରୀ ଶାନ୍ତିଦେବୀଙ୍କ ୮୯ତମ ଜୟନ୍ତୀ ପାଳିତ

ଗୁଣପୁର,୧୮।୪(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁରର ଲକ୍ଷ୍ମୀ ନୃସିଂହ କଲ୍ୟାଣ ମଣ୍ଡପରେ ସେବା ସମାଜର ପ୍ରତିଷ୍ଠାତା ସ୍ୱର୍ଗତ ପଦ୍ମଶ୍ରୀ ଶାନ୍ତି ଦେବୀଙ୍କ ୮୯ ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ସେବା ସମାଜ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୌରପରିଷଦ ଅଧ୍ୟକ୍ଷା ମମତା ଗୌଡ଼ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗୁଣପୁର ବ୍ଲକ ଅଧ୍ୟକ୍ଷା ଝିଲି ଶବର ଓ ସାମାଜିକ କର୍ମୀ ଅକ୍ଷୟ ଦାସ ସମ୍ମାନିତ ଅତିଥି ଏବଂ ଶାନ୍ତି ଦେବୀଙ୍କ ପୁତ୍ର ସିଦ୍ଧାର୍ଥ ଦାସ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଇନ୍ଦ୍ରାକ୍ଷୀ ପ୍ରସାଦ ଦାଶ ସଭା ପରିଚାଳନା କରିବା ସହ ଉମା ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶାନ୍ତି ଦେବୀଙ୍କ ସ୍ୱରଚିତ ଓ ସୁ ଲେଖିକା ଡ. ବାସନ୍ତୀ ମହାନ୍ତିଙ୍କ ସମ୍ପାଦନା ପୁସ୍ତକ ସ୍ୱଧାମୟୀ ଶାନ୍ତି ଦେବୀ ଉନ୍ମୋଚିତ ହୋଇଥିଲା। ସେବା ସମାଜର ଅନ୍ତେବାସୀ ହେମାବତୀ ଓ ବିଦ୍ୟୁସ୍ମିତା ଶବର ଶାନ୍ତି ଦେବୀଙ୍କ ଉଦ୍ଦେଶ୍ୟରେ ବୋଉ ସଙ୍ଗୀତ ଗାନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସେବା ସମାଜର ସଭାପତି କୁମାରୀ ମୟା ଶବର ସଭାପତିତ୍ୱ କରିଥିଲେ। ମଙ୍ଗଳବାର ଭୂକ୍ରାନ୍ତି ଦିବସ ହୋଇଥିବାରୁ ସେବା ସମାଜର ସମ୍ପାଦିକା ରାଜେଶ୍ୱରୀ ଦଳେଇ ଭୂକ୍ରାନ୍ତି ଦିବସ ଓ ବିନୋବାଙ୍କ ଭୂମିଭିକ୍ଷା ସମ୍ପର୍କରେ କହିଥିଲେ।

### କଂଗ୍ରେସ ନେତା ବିଜୟ ପଟ୍ଟନାୟକଙ୍କ ଗୁଣପୁର ଗସ୍ତ

ଗୁଣପୁର,୧୮।୪(ଡି.ଏନ.ଏ)-କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ମଙ୍ଗଳବାର ରାୟଗଡା ଜିଲା ଗୁଣପୁର ଗସ୍ତ କରିଥିଲେ। ଗୁଣପୁର ପୂର୍ତ୍ତ ବିଭାଗ ବଙ୍ଗଳା ଠାରେ ସେ କଂଗ୍ରେସ ନେତାମାନଙ୍କ ସହ ସୌଜନ୍ୟମୂଳକ ଆଲୋଚନା କରିଥିଲେ। ଏହାପରେ ସେ ତାଙ୍କ ନିଜ ଗ୍ରାମ ଗଜପତି ଜିଲା ଶିଆଳି ପଞ୍ଚାୟତର କାନିଭଦ୍ରାକୁ ଯାଇ ରାତ୍ରିଯାପନ କରିଥିଲେ। ବୁଧବାର ତାଙ୍କର ରାୟଗଡା ଯିବା କାର୍ଯ୍ୟକ୍ରମ ରହିଛି। ଗୁଣପୁର ଠାରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ କୁମାର ଗମାଙ୍ଗ, କଂଗ୍ରେସ ନେତା ତଥା ଓକିଲ ସଂଘର ସଭାପତି ଉମାଚରଣ ପଟ୍ଟନାୟକ, ରାମନାଗୁଡା ବ୍ଲକ ଅଧ୍ୟକ୍ଷ ରବି ଗମାଙ୍ଗ, ରାମନାଗୁଡା ଜିଲା ପରିଷଦ ସଭ୍ୟ ତାଙ୍ଗୁଡୁ ଶ୍ରୀଧର, ଶ୍ରୀକାନ୍ତ ବେହେରା, ତରଣୀ ଶତପଥି, ସତ୍ୟଜିତ ଗମାଙ୍ଗଙ୍କ ସମେତ ବହୁ କଂଗ୍ରେସ ନେତା ଏବଂ କର୍ମୀମାନେ ଉପସ୍ଥିତ ରହିଥିଲେ।

### ଗୁଣି ସନ୍ଦେହରେ ସଂଘବଦ୍ଧ ଆକ୍ରମଣ, ମହିଳା ମୃତ

ଖଜୁରିପଡା,୧୮।୪- କନ୍ଧମାଳ ଜିଲା ଖଜୁରିପଡା ଥାନା ଅନ୍ତର୍ଗତ ପାବେରୀ ପଧାନପଡା ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଗୁଣି ସନ୍ଦେହରେ ଗ୍ରାମବାସୀଙ୍କ ସଙ୍ଘବଦ୍ଧ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଗ୍ରାମର ବିକାଶ ମଲିକଙ୍କ ସ୍ତ୍ରୀ ଦମୟନ୍ତୀ । ଏହି ଘଟଣାରେ ମଙ୍ଗଳବାର ଖଜୁରିପଡ଼ା ପୋଲିସ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦୁର୍ବାସା ମଲ୍ଲିକ (୪୦), ରଞ୍ଜିତା ମଲ୍ଲିକ (୩୦), ପ୍ରଦୀପ କୁମାର ମଲ୍ଲିକ (୩୫), କମଳ ମଲ୍ଲିକ (୫୦), ସରୋଜିନୀ ମଲ୍ଲିକ, ସୁମନ ପ୍ରଧାନ(୩୪)। ପ୍ରକାଶ ଯେ, ଗତ କିଛି ଦିନ ହେଲା ଗ୍ରାମରେ କେତେଜଣ ଅସୁସ୍ଥ ରହୁଥିଲେ। ଏହାକୁ ଗୁଣିଗାରେଡି ବୋଲି ଲୋକମାନେ ସନ୍ଦେହ କରୁଥିଲେ। ଏଥିରେ ଦମୟନ୍ତୀଙ୍କ ହାତ ଥିବା ସନ୍ଦେହ କରି ଦମୟନ୍ତୀଙ୍କ ସମେତ ଅନ୍ୟ ଜଣେ ମହିଳାଙ୍କୁ ଗ୍ରାମର କେତେଜଣ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଫଳରେ ଦମୟନ୍ତୀ ଗୁରୁତର ହୋଇଥିଲେ। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ପରିବାର ଲୋକେ ଖଜୁରିପଡା ମେଡିକାଲକୁ ଆଣିଥିଲେ। ସେଠାରେ ଦମୟନ୍ତୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଖଜୁରିପଡ଼ା ଥାନାରେ ବିକାଶ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଅସହ୍ୟ ତାତିରେ ଜନଜୀବନ ଅସ୍ତବ୍ୟସ୍ତ

ରାୟଗଡା ଅଫିସ,୧୮।୪

- ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସ୍ତୁତ ଅଂଶୁଘାତ କକ୍ଷ
- ସଚେତନତା ଅଭାବରୁ ଜାଣୁ ନାହାନ୍ତି ଲୋକେ

ରାୟଗଡ଼ା ଜିଲାରେ ତାତି ବଢ଼ିବାରେ ଲାଗିଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ସକାଳ ୯ଟାରୁ ଖରା ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଗୁଳୁଗୁଳି ଲାଗି ରହୁଛି। ମଧ୍ୟାହ୍ନରେ ଅତି ଜରୁରୀ ନ ଥିଲେ ଲୋକେ ବାହାରକୁ ବାହାରୁ ନାହାନ୍ତି। ମଙ୍ଗଳବାର ଜିଲା ସଦର ମହକୁମାରେ ତାପମାତ୍ରା ୩୯.୮ ଡିଗ୍ରୀ ରହିଥିବା ରେକର୍ଡ କରାଯାଇଛି। ଏଭଳି ସ୍ଥିତିରେ ଅଂଶୁଘାତ ମୁକାବିଲା କରିବା ଲାଗି ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ହେଲେ ଆଦିବାସୀ ଅଧ୍ୟୁଷିତ ଏହି ଜିଲାରେ ବ୍ୟାପକ ସଚେତନତା କରାଯାଉ ନ ଥିବାରୁ ଲୋକେ ଅସୁବିଧାରେ ପଡୁଛନ୍ତି। ଏବେ ସୁଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ କେହି ଅଂଶୁଘାତ ରୋଗୀ ଆସି ନ ଥିଲେ ମଧ୍ୟ ସଚେତନତା ଜରୁରୀ ହୋଇପଡ଼ିଛି ।




ଅଂଶୁଘାତ କକ୍ଷ ।

ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତ କକ୍ଷ ରହିଛି। ସେଠାରେ ୧୦ଟି ବେଡ୍ ବ୍ୟବସ୍ଥା କରାଯାଇଛି। ଶୀତତାପ ନିୟନ୍ତ୍ରିତ ଏହି କକ୍ଷରେ ବରଫ, ଓଆର୍ଏସ୍ ଓ ଅକ୍ସିଜେନ ଆଦି ପ୍ରସ୍ତୁତ ରଖାଯାଇଛି। ଏକ ହେଲ୍ପ ଲାଇନ ନମ୍ବର (୦୬୮୫୬୨୩୫୪୨୪) ମଧ୍ୟ ଜାରି କରାଯାଇଛି। ଯେ କେହି ଅଂଶୁଘାତର ଶିକାର ହେଲେ ଏହି ନମ୍ବରରେ ଫୋନ କରି ଆବଶ୍ୟକ ପରାମର୍ଶ ନେଇପାରିବେ। ହେଲେ ଏସବୁ ସୁବିଧା ବିଷୟରେ ଲୋକେ ଜାଣିବା ଲାଗି ମେଡିକାଲ ପ୍ରବେଶ ପଥ ହେଉ କି ସହରର ପ୍ରମୁଖ ଛକରେ ହୋର୍ଡିଂ ଲଗାଇ ସଚେତନ କରାଯାଉନାହିଁ କି ଲିଫ୍‌ଲେଟ ମଧ୍ୟ ବଣ୍ଟନ କରାଯାଉ ନାହିଁ। ଅଂଶୁଘାତ ରୋକିବା ଲାଗି ବ୍ୟାପକ ସଚେତନତା କରିବାକୁ ସହରର ଯୁବଗୋଷ୍ଠୀ ଏବଂ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି । ମେଡିକାଲରେ ସମସ୍ତ ବ୍ୟବସ୍ଥା କରାଯାଇଛି, ଲୋକେ କିଭଳି ଜାଣି ପାରିବେ ବୋଲି ମେଡିକାଲ ମ୍ୟାନେଜର ସୌମ୍ୟରଞ୍ଜନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ସଚେତନତା କାର୍ଯ୍ୟକ୍ରମ କରାଯାଉଛି ଓ ମେଡିକାଲ ପ୍ରବେଶ ପଥରେ ହୋର୍ଡିଂ ଲାଗିଛି ବୋଲି କହିଛନ୍ତି । ହେଲେ ବାସ୍ତବରେ ସେଭଳି ସଚେତନତା କରାଯାଉ ନ ଥିବା ଦେଖାଯାଉଛି।

# କଣ୍ଟେନର ମାଡ଼ିଯାଇ ଠେଲା ଚାଳକଙ୍କ ମୃତ୍ୟୁ



ଦୁର୍ଘଟଣା ସ୍ଥଳରେ ଉତ୍ତ୍ୟକ୍ତ ଲୋକେ ।

ରାୟଗଡା ଅଫିସ/ ରାୟଗଡ଼ା (ସ୍ୱ.ପ୍ର.),୧୮।୪

**ବାଇପାସ୍‌ରେ ନ ଯାଇ ସହରରେ ପଶୁଛି ଭାରିଯାନ**

ରାୟଗଡ଼ା ସହରରେ ଟ୍ରଫିକ୍ ସମସ୍ୟା ନ ହେବା ପାଇଁ ବାଇପାସ ରାସ୍ତା ଥିବା ସତ୍ତ୍ୱେ ଭାରୀଯାନଗୁଡ଼ିକ ମୁଖ୍ୟ ବଜାର ଦେଇ ଯାତାୟାତ କରୁଛି। ଯଦ୍ଵାରା ଟ୍ରାଫିକ୍ ଜାମ ହେବା ସହ ଦୁର୍ଘଟଣା ମଧ୍ୟ ଘଟୁଛି। ମଙ୍ଗଳବାର ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଛକ ନିକଟରେ ଏକ କଣ୍ଟେନର ମାଡିଯିବାରୁ ଠେଲାରେ ମାଛ ନେଉଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାୟଗଡା ଉପକଣ୍ଠ ଖଲିଗୁଡା ଗ୍ରାମର ବି. ପ୍ରକାଶ ରାଓ। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପୋଲିସ ପହଞ୍ଚି ବୁଝାଶୁଝା କରିଛି। ବି. ପ୍ରକାଶ ସବୁଦିନ ଭଳି ମଙ୍ଗଳବାର ଭୋରରେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଛକ ନିକଟକୁ ମାଛ ବ୍ୟବସାୟୀଙ୍କ ପାଇଁ ଠେଲାରେ ମାଛ ଆଣି ଆସୁଥିଲେ। ଏହି ସମୟରେ ରାଉରକେଲାଠାରୁ ବିଶାଖାପାଟଣା ଯାଉଥିବା ଏକ କଣ୍ଟେନର ଡାକବଙ୍ଗଳା ଛକ ନିକଟରେ ଭାରସାମ୍ୟ ହରାଇ ଉକ୍ତ ଠେଲାକୁ ମାଡ଼ି ଯାଇଥିଲା । ଫଳରେ ଘଟଣାସ୍ଥଳରେ ଠେଲା ଚାଳକ ବି. ପ୍ରକାଶଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସ ପହଞ୍ଚିଥିଲା। ଏସ୍‌ପି ବିବେକାନନ୍ଦ ଶର୍ମା, ଟାଉନ ଥାନା ଆଇଆଇସି କେକେବିକେ କହଁର ଓ ତହସିଲଦାର ତାପସ ରାଉତ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଦୁର୍ଘଟଣା ଘଟାଇଥିବା କଣ୍ଟେନର ଚାଳକ ଫେରାର୍ ଅଛନ୍ତି। କଣ୍ଟେନରକୁ ପୋଲିସ ଜବତ କରି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଲୋକେ ଆନ୍ଦୋଳନରୁ ହଟିଥିଲେ। ସୂଚନାଯୋଗ୍ୟ, ପ୍ରକାଶଙ୍କ ସ୍ତ୍ରୀ ଦୁଇ ବର୍ଷ ପୂର୍ବେ ଏକ ଦୁର୍ଘଟଣାର ଶିକାର ହୋଇ ବର୍ତ୍ତମାନ ସୁଦ୍ଧା ଚିକିତ୍ସାଧୀନ ଥିବା ବେଳେ ଦୁଇ ଝିଅ ଏବେ ବେସାହାରା ହୋଇଛନ୍ତି। ଏପରି ଦୁର୍ଘଟଣାର ପୁନରାବୃତ୍ତି ନ ହେବା ପାଇଁ ବାଇପାସରେ ବଡ଼ ଗାଡିଗୁଡିକ ଚଳାଚଳ କରୁ ବୋଲି ସହରର ବୁଦ୍ଧିଜୀବୀମାନେ କହିଛନ୍ତି।

# ନିଳାଗୁଡ଼ା, ମକାଗୁଡ଼ା ଗାଁର ସୀମା ଚିହ୍ନଟ କଲେ ତହସିଲଦାର

ଗୁଡ଼ାରି,୧୮।୪(ଡି.ଏନ୍.ଏ.)

ଗୁଡ଼ାରି ତହସିଲ ଅଧୀନ ମେଟୁଖିଲିଙ୍ଗୀ ରାଇ ରାଜସ୍ୱ ବିଭାଗର ୨ ଗ୍ରାମ ନିଳାଗୁଡ଼ା ଓ ମକାଗୁଡ଼ା ଗ୍ରାମର ଜମି ସୀମା ଚିହ୍ନଟ ପ୍ରକ୍ରିୟା ମଙ୍ଗଳବାର ଶେଷ ହୋଇଛି। ତହସିଲଦାର ତଥା ମାଜିଷ୍ଟ୍ରେଟ ଭାରତୀ ଦେବୀଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଏହି ୨ ଗ୍ରାମର ଜମି ସୀମା ନିର୍ଦ୍ଧାରିତ କରିଛନ୍ତି। ଦୀର୍ଘ ବର୍ଷ ହେବ ଏହି ୨ ଗ୍ରାମ ମଧ୍ୟରେ ଜମି ସୀମାନେଇ ବିବାଦ ଲାଗି ରହିଥିଲା। ତହସିଲଦାରଙ୍କ ଉପସ୍ଥିତିରେ ସୀମା ନିର୍ଦ୍ଧାରଣ ହେବା ପରେ ଉଭୟ ଗାଁ ଲୋକେ ନିଜ ନିଜ ଗ୍ରାମସୀମା ସମ୍ପର୍କରେ ଅବଗତ ହୋଇ ପାରିଥିବା ସୂଚନା ମିଳିଛି। ଏହି ଚିହ୍ନଟ ପ୍ରକ୍ରିୟାରେ ଗୁଡ଼ାରି ପୋଲିସ, ଅତିରିକ୍ତ ତହସିଲଦାର ହୃଷୀକେଶ ପଣ୍ଡା, ସୁପରଭାଇଜର ଦେବୀ ପ୍ରସାଦ ମଲିକ, ମେଟୁଖିଲିଙ୍ଗୀ ରାଇ ରାଜସ୍ୱ ନିରୀକ୍ଷକ ପି.ମାଧବୀ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ପି. ରାଜେଶ, ଢେପାଗୁଡ଼ା ରାଜସ୍ୱ ନିରୀକ୍ଷକ ଦେବେନ୍ଦ୍ର ହିମିରିକା, ଅମିନ ଓ ଉଭୟ ଗ୍ରାମର ଲୋକେ ଉପସ୍ଥିତ ଥିଲେ।




ତହସିଲଦାର ଓ ଗ୍ରାମବାସୀ ।

### ନିଖୋଜ ୨ ନାବାଳକ ଉଦ୍ଧାର

ପାରଳାଖେମୁଣ୍ଡି,୧୮।୪(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ଆର୍. ସୀତାପୁରଠାରେ ଥିବା ଜଗନ୍ନାଥ ନିକେତନ ଅନାଥ ଆଶ୍ରମରୁ ମଙ୍ଗଳବାର ନିଖୋଜ ହୋଇଥିବା ୨ ନାବାଳକ ଉଦ୍ଧାର ହୋଇଛନ୍ତି। ଜଗନ୍ନାଥ ନିକେତନର ସଭାପତି ହରିମୋହନ ପଟ୍ଟନାୟକ ସକାଳେ ଗୁରାଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ସକାଳୁ ଦୁଇ ଜଣ ନାବାଳକ ନିକେତନରୁ ନିଖୋଜ ହୋଇଯାଇଥିଲେ। ଉକ୍ତ ଘଟଣା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଏବଂ ଶିଶୁ କଲ୍ୟାଣ ସମିତିକୁ ମଧ୍ୟ ଅବଗତ କରାଯାଇଥିଲା। ଏହାପରେ ଜଗନ୍ନାଥ ନିକେତନର କର୍ମକର୍ତ୍ତା, ଶିଶୁ କଲ୍ୟାଣ ସମିତି ଓ ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତରଫରୁ ନାବାଳକମାନଙ୍କୁ ଖୋଜାଖୋଜି ଆରମ୍ଭ କରାଯାଇଥିଲା। ପାରଳାଖେମୁଣ୍ଡି ରେଳଷ୍ଟେଶନରୁ ଉଭୟ ନାବାଳକଙ୍କୁ ଉଦ୍ଧାର କରାଯାଇଛି।

# ଟ୍ରେନ୍ ରହଣି ଦାବି ନେଇ ଆନ୍ଦୋଳନ ୨୩ରେ



ନାଗରିକମଞ୍ଚର କର୍ମକର୍ତ୍ତାଙ୍କୁ ବୁଝାଇବାକୁ ଆସିଥିବା ପୋଲିସ ।

ଅମ୍ବାଦଳା,୧୮।୪(ଡି.ଏନ.ଏ.)

**ଜିଦରେ ଅଟଳ ନାଗରିକ ମଞ୍ଚ**

ଦୀର୍ଘଦିନ ଧରି ରେଲୱେ ବିଭାଗର ବୈମାତୃକ ମନୋଭାବ ଯୋଗୁ ରାୟଗଡ଼ା ଜିଲା ଅମ୍ବାଦଳାବାସୀ ପ୍ରତିକ୍ରିୟାଶୀଳ ହୋଇପଡିଛନ୍ତି। ଅମ୍ବାଦଳାରେ ଟ୍ରେନ ରହଣି ନେଇ ବିଭାଗୀୟ ପ୍ରତିଶ୍ରୁତି ପାଣିରେ ଗାର ସଦୃଶ ହୋଇଛି। ଏଥିପାଇଁ ଆସନ୍ତା ୨୩ ତାରିଖରେ ଅମ୍ବାଦଳା ଷ୍ଟେଶନରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରେଲରୋକୋ ଆନ୍ଦୋଳନ କରାଯିବ ବୋଲି ନାଗରିକ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ରହଣି ପ୍ରତ୍ୟାହାର ହୋଇଥିବା ଟ୍ରେନଗୁଡିକର ପୁନଃରହଣି ଦାବି ନେଇ ସ୍ମାରକପତ୍ର ସମ୍ବଲପୁର ପୂର୍ବତଟ ରେଳ ପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ଅମ୍ବାଦଳା ଷ୍ଟେଶନ ପରିଚାଳକଙ୍କୁ ଦିଆଯାଇଥିଲା। ଏହି ପ୍ରସଙ୍ଗରେ ରେଲୱେ ପୋଲିସ ଇନ୍ସପେକ୍ଟର ନିରଞ୍ଜନ ସିଂ ମିନା ଓ ଏଏସଆଇ ସିଏଚ ଭେଙ୍କେଟ ରାଓ ଅମ୍ବାଦଳା ନାଗରିକ ମଞ୍ଚକୁ ୨୩ ତାରିଖରେ ଆନ୍ଦୋଳନ ନ କରିବା ପାଇଁ ବୁଝାଶୁଝା କରିବା ଉଦ୍ଦେଶ୍ୟରେ ଆସିଥିଲେ। ଏହା ଜାଣି ଅମ୍ବାଦଳା ନାଗରିକ ମଞ୍ଚ ସେମାନଙ୍କ ସହ ବୈଠକକୁ ପ୍ରତ୍ୟାଖ୍ୟାନ କରିଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ଆନ୍ଦୋଳନରେ ୫ହଜାରରୁ ଅଧିକ ଲୋକ ସାମିଲ ହେବେ ବୋଲି ଅଧିକାରୀମାନଙ୍କୁ ନାଗରିକ ମଞ୍ଚ ତରଫରୁ ଧୀରେନ୍ଦ୍ର ପାଣିଗ୍ରାହୀ,ବିରାଟ ବେହେରା, ଦେବୀ ପ୍ରସାଦ ମୁଖାର୍ଜୀ, ଅଶୋକ ମେହେର,ବିନୋଦ ସାହୁ ପ୍ରମୁଖ କହିଛନ୍ତି।

# ୧୮୪ ଗାଁରେ ବିଦ୍ୟୁତ୍ ସେବା ସଂଯୋଗ ନେଇ ଆଲୋଚନା

ରାୟଗଡ଼ା(ସ୍ୱ.ପ୍ର.)/ ରାୟଗଡ଼ା ଅଫିସ, ୧୮।୪

**ଜିଲା ବିଦ୍ୟୁତ୍ କମିଟିର ପ୍ରଥମ ବୈଠକ**

ରାୟଗଡ଼ା ଜିଲାରେ ବିଦ୍ୟୁତ୍ ସମସ୍ୟା ଏବଂ ଏହାର ସମାଧାନ ଉପରେ ଆଲୋଚନା ପାଇଁ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପ୍ରଥମ ଜିଲା ବିଦ୍ୟୁତ୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୮୪ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସେବା ସଂଯୋଗନେଇ ବୈଠକରେ ଆଲୋଚନା ହୋଇଥିଲା। ଜିଲାପାଳ ସ୍ୱାଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କୋରାପୁଟ ଲୋକସଭା ସଦସ୍ୟ ସପ୍ତଗିରି ଉଲାକା, ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ଜିଲା ଅଧିକାରୀ ଏବଂ ଟିପିଏସ୍‌ଓଡିଏଲର କର୍ମକର୍ତ୍ତା ଯୋଗଦେଇଥିଲେ। ଜିଲାର ବିଜୁ ଗ୍ରାମୀଣ ଜ୍ୟୋତି ଯୋଜନା ଅଧୀନରେ ୧୮୪ ଗ୍ରାମକୁ କିଭଳି ଯଥାଶୀଘ୍ର ବିଦ୍ୟୁତ୍ ସେବା ପହଞ୍ଚିବ ସେନେଇ ଆଲୋଚନା ହୋଇଥିଲା। ଉକ୍ତ ୧୮୪ଟି ଗ୍ରାମ ମଧ୍ୟରୁ ୧୦୯ ଗ୍ରାମରେ ଜିଲା ପ୍ରଶାସନ ପକ୍ଷରୁ ବିଦ୍ୟୁତୀକରଣ ବ୍ୟବସ୍ଥା କରାଯିବାକୁ ରହିଥିବା ବେଳେ ଏଥିପାଇଁ ୧୩ କୋଟି ୭ଲକ୍ଷ ୩୮ ହଜାର ୬୮୧ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ସେହିଭଳି ୬ କୋଟି ୯୭ ଲକ୍ଷ ୪୪ ହଜାର ୮୬୫ଟଙ୍କା ବ୍ୟୟ ଅଟକଳରେ ୫୦ଟି ଗ୍ରାମରେ ଟିପିଏସ୍‌ଓଡିଏଲ୍‌କୁ ଖୁବଶୀଘ୍ର ବିଦ୍ୟୁତୀକରଣ ବ୍ୟବସ୍ଥା କରିବା ପାଇଁ ଅନୁମତି ମିଳିବା ନେଇ ସୂଚନା ମିଳିଛି । ପୂର୍ବରୁ ୨ କୋଟି ୬୫ ଲକ୍ଷ ୭୬ ହଜାର ୮୪୫ଟଙ୍କା ବ୍ୟୟ ଅଟକଳରେ ୨୫ଟି ଗ୍ରାମରେ ବିଦ୍ୟୁତୀକରଣ କରିବା ପାଇଁ ଟିପିଏସ୍‌ଓଡିଏଲକୁ କାର୍ଯ୍ୟାଦେଶ ମିଳିସାରିଥିବାବେଳେ ସେଠାରେ କାର୍ଯ୍ୟ ଚାଲିଛି। ସେହିଭଳି ବିଜୁ ଗ୍ରାମୀଣ ଜ୍ୟୋତି ସୋଲାର ଯୋଜନାରେ ଜିଲାର ୧୦୭ଟି ଗ୍ରାମରେ ୯୫୦ ଘରକୁ ସୋଲାର ମାଧ୍ୟମରେ ବିଦ୍ୟୁତୀକରଣ ବ୍ୟବସ୍ଥା କରାଯିବ । ଏନେଇ ୪ କୋଟି ୭୫ ଲକ୍ଷ ଟଙ୍କା ଅନୁଦାନ ମିଳିଥିବା ଟିପିଏସ୍‌ଓଡିଏଲ୍ ରାୟଗଡ଼ା ଡିଭିଜନ ସୁପରିଟେଣ୍ଡେଂଟ ଇଞ୍ଜିନିୟର ପ୍ରିୟଦର୍ଶୀ ବେହେରା ସୂଚନା ଦେଇଛନ୍ତି । ଜିଲାର ୨ଟି ଟିପିଏସ୍‌ଓଡିଏଲ୍ ଡିଭିଜନ ମଧ୍ୟରୁ ରାୟଗଡ଼ା ଡିଭିଜନ ବିଷମକଟକ ବ୍ଲକର ୪ ପଞ୍ଚାୟତର ୨୨ଟି ଘର, ଚନ୍ଦ୍ରପୁର ବ୍ଲକର ୨୪ଟି ପଞ୍ଚାୟତର ୧୫୪ ଘର, କଲ୍ୟାଣସିଂହପୁର ବ୍ଲକର ୧୯ଟି ପଞ୍ଚାୟତର ୨୭୩ ଘର, କାଶୀପୁର ବ୍ଲକର ୧୦ଟି ପଞ୍ଚାୟତର ୮୮ ଘର, କୋଲନରା ବ୍ଲକର ଗୋଟିଏ ପଞ୍ଚାୟତର ୬ଟି ଘର, ମୁନିଗୁଡ଼ା ବ୍ଲକର ୨୯ଟି ପଞ୍ଚାୟତର ୨୩୭ ଘର ଓ ରାୟଗଡ଼ା ବ୍ଲକର ୧୫ଟି ପଞ୍ଚାୟତର ୧୨୯ ଘରକୁ ସୋଲାର ମାଧ୍ୟମରେ ବିଦ୍ୟୁତୀକରଣ କରାଯିବ। ସେହିଭଳି ଗୁଣପୁର ବ୍ଲକର ଗୋଟିଏ ପଞ୍ଚାୟତର ୮ଟି ଘର, ପଦ୍ମପୁର ବ୍ଲକର ୩ଟି ପଞ୍ଚାୟତର ୨୬ଟି ଘର, ରାମନାଗୁଡ଼ା ବ୍ଲକର ଗୋଟିଏ ପଞ୍ଚାୟତର ୭ଟି ଘରକୁ ସୋଲାର ମାଧ୍ୟମରେ ବିଦ୍ୟୁତୀକରଣ କରାଯିବ। ଏହି ବୈଠକରେ ଟିପିଏସଓଡିଏଲର ନିର୍ବାହୀ ଯନ୍ତ୍ରୀ ନାରାୟଣ ନାୟକ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଏମ୍‌ପି, ବିଧାୟକ, ଜିଲାପାଳ ଓ ଅଧିକାରୀମାନେ ।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

ମୁନିଗୁଡ଼ା,୧୮।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ପଞ୍ଚାୟତ ସମିତି ସଭା କକ୍ଷରେ ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଆର୍ଥିକ ବର୍ଷ ୨୦୨୨-୨୩ର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) କାର୍ଯ୍ୟର ବ୍ଲକ ସ୍ତରୀୟ ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲା ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁନିଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡୁକା, ମୁନିଗୁଡ଼ା ବିଡିଓ ପ୍ରୀତମ କୁମାର ତନ୍ତୀ, ଜିଲା ପରିଷଦ ସଦସ୍ୟା ମାଧବୀ କନ୍ଧପାଣି, ସହକାରୀ ଯନ୍ତ୍ରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓ,ଏପିଓ ବିନୟ କୁମାର ପାଣି, ବିଏସଏ ଆଲୋକ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ରହି ବ୍ଲକରେ ଏହିସବୁ ଯୋଜନାର ହୋଇଥିବା କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିରେ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଆରଏସ୍, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଭିଆରପିମାନେ ଉପସ୍ଥିତ ରହି ସମୀକ୍ଷାରେ ସହଯୋଗ କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରଧାନ ଜନଶୁଣାଣୀ କାର୍ଯ୍ୟକ୍ରମର ସମୀକ୍ଷା ସମୟରେ ପ୍ରତ୍ୟେକ କାର୍ଯ୍ୟର ଟିକିନିଖି ବିବରଣୀ ଉପରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶ୍ନ ପଚାରି ବୁଝିଥିଲେ। ସରକାରଙ୍କ ଲୋକ କଲ୍ୟାଣକାରୀ ଯୋଜନା ଗ୍ରାମାଞ୍ଚଳର ଉନ୍ନୟନ ତଥା ସ୍ଥାନୀୟ ଅଞ୍ଚଳରେ ରୋଜଗାର ସୃଷ୍ଟି ପାଇଁ ଅପରିହାର୍ଯ୍ୟ। ତେଣୁ ଏସବୁ ସଠିକଭାବେ କାର୍ଯ୍ୟକାରୀ ହେବା ଉପରେ ପ୍ରଧାନ ଗୁରୁତ୍ୱ ଦେଇଥିଲେ। ଏଥିସହିତ ଯେଉଁ କାର୍ଯ୍ୟରେ ସୂଚନା ଫଳକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ କାର୍ଯ୍ୟକାରୀ ହୋଇନାହିଁ ସେହି କାର୍ଯ୍ୟର ବିଲ ନ କରିବାକୁ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା, ଦକ୍ଷତା ଓ ଉଚ୍ଚମାନର ପ୍ରକାଶ ଉପରେ ସେ ଜୋର ଦେଇଥିଲେ। ଜନ କଲ୍ୟାଣକାରୀ ସରକାରୀ ଯୋଜନା ସମୀକ୍ଷା ଉପରେ ଉପସ୍ଥିତ ସମିତି ସଭ୍ୟ, ସରପଞ୍ଚମାନେ ନିଜ ନିଜର ଅଭିଜ୍ଞତା ଓ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବଡ଼ବାବୁ ଜିତେନ୍ଦ୍ର ଧର, ଅତିରିକ୍ତ ସହକାରୀ ଯନ୍ତ୍ରୀ ଅଶୋକ କୁମାର ପାତ୍ର, ଯନ୍ତ୍ରୀ ରାମଚନ୍ଦ୍ର ସୁତାର, ସିନିୟର୍ କ୍ଲାର୍କ ସତ୍ୟାନନ୍ଦ ବେହେରା ପ୍ରମୁଖ ସହାୟତା କରିଥିଲେ।



# ଫେରିଯିବ ଟଙ୍କା: ଏମ୍‌ପି, ବିଧାୟକଙ୍କ ଉଦ୍‌ବେଗ

ରାୟଗଡା ଅଫିସ/ରାୟଗଡ଼ା (ସ୍ୱ.ପ୍ର.),୧୮।୪

**ଡିଏମ୍‌ଏଫ ଟ୍ରଷ୍ଟ ବୋର୍ଡର ବୈଠକ**

ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଡିଏମ୍‌ଏଫ ଟ୍ରଷ୍ଟ ବୋର୍ଡ଼ର ୮ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଣିଜ ସମ୍ପଦରେ ଭରା ରାୟଗଡାକୁ ମିଳୁଥିବା ଜିଲା ଖଣିଜ ପାଣ୍ଠି ଅନୁଦାନ ଖର୍ଚ୍ଚ ହୋଇ ପାରୁନାହିଁ। ଖଣି ପ୍ରଭାବିତ ଅଞ୍ଚଳରେ ମୌଳିକ ସମସ୍ୟାର ସମାଧାନ ହେଉ ନ ଥିବା ବେଳେ ବିକାଶକୁ ଗୁରୁତ୍ୱ ଦିଆଯାଉନି। ଅଣପ୍ରଭାବିତ ଅଞ୍ଚଳରେ ଏହାର ବହୁଳ ଖର୍ଚ୍ଚ କରାଯାଉଛି। ଏହାକୁ ନେଇ ବୈଠକ ଆରମ୍ଭରୁ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଏବଂ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି ଉଦବେଗ ପ୍ରକାଶ କରିଛନ୍ତି । ସେମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଖଣି ପ୍ରଭାବିତ ଅଞ୍ଚଳରେ ଡିଏମଏଫ ଫଣ୍ଡ ଖର୍ଚ୍ଚ ବାବଦ ତଥ୍ୟ ତଥା ସୂଚନା ଠିକ ଭାବେ ପ୍ରଦାନ କରାଯାଉ ନ ଥିବାରୁ ଏମ୍‌ପି, ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ ।

ଏପ୍ରିଲ ୧୭ ତାରିଖ ସୁଦ୍ଧା ୨୫୪କୋଟି ୩୭ ଲକ୍ଷ ୧୭ ହଜାର ୮୬୯ ଟଙ୍କା ଡିଏମଏଫ୍ ଅର୍ଥ ରାଶି ଜିଲାକୁ ହସ୍ତଗତ ହୋଇଥିବା ବେଳେ ସେଥିରୁ ୨୦୮ କୋଟି ୫ଲକ୍ଷ ୭୩ ହଜାର ୭୯୯ ଟଙ୍କା ଖର୍ଚ୍ଚ ହୋଇଥିବା ବୈଠକରେ ଉପସ୍ଥାପନା କରାଯାଇଥିଲା। ଜିଲାରେ ଖଣି ପ୍ରଭାବିତ ଅଞ୍ଚଳ କାଶୀପୁର ବ୍ଲକରେ ବିଶେଷ ଉନ୍ନୟନମୂଳକ କାର୍ଯ୍ୟ ହୋଇନାହିଁ। ଅନ୍ୟପଟେ ଗୁଣପୁର ଓ ବିଷମକଟକ ବ୍ଲକରେ ସର୍ବାଧିକ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। କାଶୀପୁର ବ୍ଲକର ସର୍ବାଧିକ ଖଣି ପ୍ରଭାବିତ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ବୋର୍ଡ଼କୁ ବିଧାୟକ ତାଗିଦ କରି କହିଥିଲେ । ୨୦୧୫-୧୬ ଆର୍ଥିକ ବର୍ଷରେ ୧୯ କୋଟି ୮ ୮ଲକ୍ଷ ୭୯ ହଜାର ୬୧୫ ଟଙ୍କା ଡିଏମଏଫ ଫଣ୍ଡ ଆସିଥିବା ବେଳେ ୨୦୨୨-୨୩ରେ ୫୯ କୋଟି ୫୨ ଲକ୍ଷ ୭୫ ହଜାର ୧୦୫ଟଙ୍କା ଆସିଥିବା ସୂଚନା ମିଳିଛି । ଡିଏମଏଫ ଫଣ୍ଡ ମାଧ୍ୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ପ୍ରୋଜେକ୍ଟ ଆଦୃତ ହେଉଥିଲେ ସୁଦ୍ଧା ସମସ୍ତ କାର୍ଯ୍ୟ ସମୟରେ ଶେଷ ହେଉନଥିବା ଏବଂ ସମ୍ପୂର୍ଣ୍ଣ ଅର୍ଥ ରାଶି ଜିଲାର ବିକାଶରେ ନ ଲାଗି ଫେରିଯିବା ଘଟଣାକୁ ନେଇ ଏମ୍‌ପି ଏବଂ ବିଧାୟକ ଉଦବେଗ ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ପ୍ରାପ୍ତ ହେଉଥିବା ଡିଏମଏଫ ଫଣ୍ଡକୁ ଠିକ ମାର୍ଗରେ ବିନିଯୋଗ କରିବା ପାଇଁ ଜିଲାପାଳ ତଥା ଟ୍ରଷ୍ଟ ଅଧ୍ୟକ୍ଷାଙ୍କୁ ଉଭୟ ଏମ୍‌ପି ଉଲାକା ଓ ବିଧାୟକ ମୁଦୁଲି ଅବଗତ କରାଇଥିଲେ। ଜିଲାପାଳ ତଥା ଡିଏମଏଫ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷା ସ୍ୱାଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏମ୍‌ପି ଉଲାକା, ବିଧାୟକ ମୁଦୁଲି, ଟ୍ରଷ୍ଟି ସଭ୍ୟାସଭ୍ୟଙ୍କ ସମେତ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରବି ନାରାୟଣ ତ୍ରିପାଠୀ, ସିଡିଏମଓ ଡାକ୍ତର ଲାଲମୋହନ ରାଉତରାଏ, ଜିଲା ପରିଷଦ ଫାଇନାନ୍ସ ଅଧିକାରୀ ରଶ୍ମିରଞ୍ଜନ ପରିଡା, ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ମିଶନ ନିର୍ବାହୀ ଅଧିକାରୀ ଚିତରଞ୍ଜନ ଜେନା, ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଜିଲା ଯୋଜନା ଅଧିକାରୀଙ୍କ ସମେତ ଖଣି ପ୍ରଭାବିତ କୁଚେଇପଦର ସରପଞ୍ଚ ବଙ୍ଗାରି ଦିଶାରୀ,ପୋଡାପାଡି ସରପଞ୍ଚ ନୀଳାବତି ମାଣ୍ଡାଙ୍ଗି, ଚନ୍ଦ୍ରଗିରି ସରପଞ୍ଚ ଚୁଆଦେଇ ମାଝି ଓ ଡେପୁଟି ଡାଇରେକ୍ଟର ମାଇନ୍ସ କୋରାପୁଟ ସେକ୍ସନ, ବିଧାୟକ ପ୍ରତିନିଧି ଦେବଗିରି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ପୋଲିସ ନକଲି, ଫାଇନ୍ ଅସଲି

ସୁନାବେଡ଼ା/ସେମିଳିଗୁଡା, ୧୮।୪ (ସ୍ୱ.ପ୍ର.)- ସେମିଳିଗୁଡା ଥାନା ଅନ୍ତର୍ଗତ ଜାନିଗୁଡା ନିକଟସ୍ଥ ସିଟମ୍ କଲେଜଠାରେ ମଙ୍ଗଳବାର ଦୁଇ ଜଣ ଯୁବକ ନିଜକୁ ପୋଲିସ୍ ପରିଚୟ ଦେଇ ଗାଡିମୋଟର ଅଟକାଇ ଯାଞ୍ଚ କରୁଥିଲେ। ଯେଉଁ ଗାଡି ଚାଳକଙ୍କ ହେଲମେଟ୍ ଥିଲା କି ଡ୍ରାଇଭିଂ ଲାଇସେନ୍ସ ନଥିଲା ସେମାନଙ୍କଠାରୁ ଏହି ୨ ନକଲି ପୋଲିସଧାରୀ ଯୁବକ ୩ଶହ, ୫ଶହ ଲେଖାଏ ଟଙ୍କା ଫାଇନ୍ ଆଦାୟ କରୁଥିଲେ। ଏନେଇ ସେମିଳିଗୁଡା ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ସୂଚନା ପାଇବା ପରେ ଘଟଣା ସ୍ଥଳରେ ପହଞ୍ଚି ସମ୍ପୃକ୍ତ ୨ ଯୁବକଙ୍କ ସହ ଅନ୍ୟ ଜଣକୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛନ୍ତି। କେସ୍ ନଂ.୪୭/୨୩ରେ ଏକ ମାମଲା ରୁଜୁ ହୋଇଛି।

### ୨୪ କେଜି ଗଞ୍ଜେଇ ଜବତ
### ଜଣେ ଗିରଫ,କାର ଜବତ

ପଡ଼ିଆ,୧୮।୪(ଡି.ଏନ୍.ଏ.)- ମାଲକାନଗିରି ଜିଲା ସୀମାନ୍ତ ପଡ଼ିଆ କମାରଗୁଡ଼ା ଗ୍ରାମ ଶବରୀ ନଦୀ ପୋଲ ନିକଟରେ ଥିବା ଚେକ ଗେଟଠାରେ ଧରପଗଡ ବେଳେ ପଡିଆ ପୋଲିସ ଏକ କାରରୁ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେ ହେଲେ କାଲିମେଲା ବ୍ଲକ ଏମ୍ଭି ୭୯ ଥାନା ଅନ୍ତର୍ଗତ ଲୁଗେଲ ପଞ୍ଚାୟତ ଏମପିଭି ୬୫ ଗ୍ରାମର ନାରାୟଣ ବରାଳଙ୍କ ପୁଅ ନିରଞ୍ଜନ। ଖବରରୁ ଜଣାପଡିଛି, ମଙ୍ଗଳବାର ଅପରାହ୍ନ ସାଢେ ୩ଟାରେ ଚେକ୍‌ଗେଟ୍‌ଠାରେ ପୋଲିସ ଗାଡିମଟରର ଯାଞ୍ଚ କରୁଥିଲା। ଏହି ସମୟରେ କାଲିମେଲାରୁ ଛତିଶଗଡ଼ ଯାଉଥିବା ଏକ କାର (ଏପି ୩୯ଜିୟୁ-୫୪୬୦)କୁ ଅଟକାଇ ପୋଲିସ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ କାର ଡ଼ିକ୍କିରୁ ୨୪ କେଜି ୫୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। ଏହାକୁ ଜବତ କରିବା ସହ ପୋଲିସ କାର ଜବତ କରି ଥାନାକୁ ନେଇଥିଲା। ପୋଲିସ କେସ୍ ନଂ. ୫୨/୨୩ରେ ଏକ ମାମଲା ରୁଜୁ ହୋଇଛି। ଯାଞ୍ଚରେ ଥାନା ଅଧିକାରୀ ଅଶୋକ ବିଶୋୟୀ, ଏସ୍‌ଆଇ ଆରକେ ଶବର, ଏଏସ୍‌ଆଇ ବିକେ ବେହିଆଁ, କନେଷ୍ଟବଳ ଏସ୍‌ଏସ୍ ପାତ୍ର, ପ୍ରକାଶ ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ, ସ୍ୱାମୀଙ୍କ ନାମରେ ମାମଲା

ଜୟପୁର,୧୮।୪(ନି.ପ୍ର.)- ଜୟପୁର ସଦର ଥାନା ଅନ୍ତର୍ଗତ ତେଲିଆ ଗ୍ରାମର ଗୀତା ହରିଜନ ମହିଳା ଥାନାର ଦ୍ୱାରସ୍ଥ ହୋଇ ସ୍ୱାମୀଙ୍କ ନାଁରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସେହି ଗ୍ରାମର ସରୋଜ ହରିଜନଙ୍କୁ ଗୀତା ଗତ ୧୨ ବର୍ଷ ତଳେ ବିବାହ କରିଥିଲେ। ବିବାହ ପରେ ୧୧ ବର୍ଷ ଠିକରେ ସବୁକିଛି ଚାଲିଥିଲା। ବର୍ଷେ ହେବ ସ୍ୱାମୀ ସରୋଜ ସ୍ତ୍ରୀଙ୍କୁ ମାର ପିଟ କରି ନିର୍ଯାତନା ଦେଉଥିଲେ। ଏନେଇ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ମହିଳା ଥାନା ଅଧିକାରୀ ମମତା ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ

ମାଥିଲି,୧୮।୪(ଡି.ଏନ୍.ଏ.)- ମାଥିଲି ବ୍ଲକ ସ୍ତରୀୟ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଏକ୍ସବୋର୍ଡ ପ୍ରାଇମେରି ବିଦ୍ୟାଳୟରେ ଜିଲା ଶିକ୍ଷକ ସଂଘର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସଭାପତିଭାବେ ଜୟରାମ ଭୂମିଆ ନିର୍ବାଚିତ ହେଇଛନ୍ତି। ସେହିପରି ଉପସଭାପତି ଭାବେ ଆର୍. ଭେଙ୍କଟ ରାଓ, ଉପସଭାନେତ୍ରୀ ଭାରତୀ ନାୟକ, ସମ୍ପାଦକ ସଞ୍ଜୟ କୁମାର ରାଇସିଂ, ସହ ସମ୍ପାଦକ ଆର୍ ରାମୁଡୁ, ସହ ସମ୍ପାଦକ ବି. ଚନ୍ଦ୍ରଶେଖର ଚୌଧୁରୀ, ସହ ସମ୍ପାଦକ ଧନୁର୍ଜୟ ଗାଦା, କୋଷାଧକ୍ଷ ପ୍ରଶାନ୍ତ କୁମାର ସାହୁ, ସଂଯୋଜକ ସୁନୀଲ କୁମାର ଦାସ ନିର୍ବାଚିତ ହୋଇଛନ୍ତି। ଏଥିରେ ବ୍ଲକର ପ୍ରତ୍ୟେକ ପଞ୍ଚାୟତର ୪୦୦ ଶିକ୍ଷକ ଉପସ୍ଥିତ ଥିଲେ। ଶେଷରେ ନିର୍ବାଚିତ କର୍ମକର୍ତ୍ତାମାନେ ଶପଥ ପାଠ କରିଛନ୍ତି।

# ୫ମାସ ଗଲାନି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା

- କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ପଡ଼ିଲା ପାଣିରେ
- ପୂର୍ବର ମାଟି ରାସ୍ତା ଭଲ ଥିଲା: ଗ୍ରାମବାସୀ
- ୭୦ ଲକ୍ଷ ଟଙ୍କାର ପ୍ରପୋଜାଲ ଯାଇଛି: କନିଷ୍ଠ ଯନ୍ତ୍ରୀ

ବାଲିମେଲା,୧୮।୪(ଡି.ଏନ୍.ଏ.)



ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଏବେ ପାଲଟିଛି ମରଣଯନ୍ତା। ନିମ୍ନମାନର ରାସ୍ତା ଯୋଗୁ ଖୁବ୍ କମ୍ ଦିନରେ ଏହି ରାସ୍ତା ନଷ୍ଟ ହୋଇଯାଇଛି। ଫଳରେ ଏ ବାବଦରେ ଖର୍ଚ୍ଚ ହୋଇଥିବା କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ପାଣିରେ ପଡ଼ିଛି। ପୂର୍ବରୁ ଥିବା ମାଟିରାସ୍ତା ଭଲ ଥିଲା ବୋଲି ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଲୋକେ କହୁଛନ୍ତି। ରାସ୍ତା ନିର୍ମାଣ ହେବାର ୫/୬ ମାସ ପରଠାରୁ ରାସ୍ତାରୁ ପିଚୁ ଉଠିବା ଆରମ୍ଭ ହୋଇ ଏବେ ମାଟି କାଦୁଅରେ ଭର୍ତ୍ତିହେଲାଣି । ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି।

ବାଲିମେଲା ସହର ସୀମାନ୍ତ ଚିତାପାରି–୪ଠାରୁ ପୁରୁଣା ଚିତାପାରୀ ଗ୍ରାମ ଶେଷ ପର୍ଯ୍ୟନ୍ତ ୩ କି.ମି. ୩ଶହ ମିଟରର ଏହି ରାସ୍ତା ନିର୍ମାଣ ହୋଇଛି। ରାସ୍ତା ଖରାପ ଥିବା ଯୋଗୁ ପ୍ରତିଦିନ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ପାଇଁ ୧କୋଟି ୩୦ଲକ୍ଷ ୧୩ ହଜାର ଟଙ୍କା ବ୍ୟୟ ଅଟକଳ ହୋଇ ୨୦୧୪ ଫେବୃଆରୀ ୧୫ରେ ଠିକାଦାର ରବୀନ୍ଦ୍ର ଭୋଳ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭକରି ୧୪।୨।୨୦୧୫ରେ ଶେଷ କରିଥିଲେ। ୫ବର୍ଷ ପାଇଁ ରାସ୍ତାର ରକ୍ଷଣାବେକ୍ଷଣ ନିମନ୍ତେ ୭ ଲକ୍ଷ ୨୨ ହଜାର ଟଙ୍କା ରହିଛି। ତେବେ ୫ବର୍ଷ ବଦଳରେ ମାତ୍ର ୫ ମାସରେ ଏହି ରାସ୍ତାର ରକ୍ଷଣାବେକ୍ଷଣ ଆବଶ୍ୟକ ହେଲାଣି। ଠିକାଦାର, ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସଲାସୁତରାରେ ଏପରି ନିମ୍ନମାନର କାର୍ଯ୍ୟ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ଅଧିକାଂଶ ସ୍ଥାନ ଖାଲଖମାରେ ପୂର୍ଣ୍ଣ ଥିବାରୁ ଅନେକ ସମୟରେ ଦୁର୍ଘଟଣାମାନ ଘଟି ବହୁ ଧନଜୀବନ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ପ୍ରତିଦିନ ଏହି ରାସ୍ତା ଦେଇ ବାଲିମେଲା ସହରବାସୀଙ୍କ ସମେତ ଉସକାପଲ୍ଲି, ସୋର୍ଲକୋଣ୍ଡା, ନୀଳାଦ୍ରିନଗର, ପୁରୁଣା ଓର୍କେଲ, ଏମ୍ଭି–୫୧, ଏମ୍ଭି–୫୨, ପୁରୁଣା ଚିତାପାରି, ଡାଲକାଠିଗୁଡ଼ା, ଡବେଗୁଡ଼ା, ପୁରୁଣାଗୁଡ଼ା ସମେତ କୋରୁକୋଣ୍ଡା ବ୍ଲକ, ସ୍ୱାସ୍ଥ୍ୟକେନ୍ଦ୍ର ଓ ମାଲକାନଗିରି ସହରକୁ ଯାତାୟାତ କରିଥାନ୍ତି। ଜିଲା ପ୍ରଶାସନ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ହୋଇଥିବା କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀ ମାଣିକ କୁମ୍ଭାରଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ରାସ୍ତାଟି କ୍ରଶରକୁ ସଂଯୋଗ ହୋଇଥିବାରୁ ଲୋଡ୍ ଗାଡ଼ି ଯାତାୟାତ କରିବାରୁ ରାସ୍ତା ଖରାପ ହୋଇଛି । ରାସ୍ତାକୁ ପୁନର୍ବାର ମରାମତିକରି ୩ ଇଞ୍ଚର ପିଚୁ ଦେଇ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ୭୦ଲକ୍ଷ ଟଙ୍କାର ପ୍ରପୋଜାଲ ଯାଇଛି। ଏହା ଅନୁମୋଦିତ ହୋଇ କାମ ଆରମ୍ଭ ହେବ ବୋଲି ସେ କହିଥିଲେ।

# ଅଧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚନ୍ଦନକାଠ ଜବତ, ଜଣେ ଗିରଫ

ନନ୍ଦପୁ, ୧୮।୪ (ଡି.ଏନ୍.ଏ.)

କୋରାପୁଟ ଜିଲା ନନ୍ଦପୁର ପୋଲିସ ଖୁର୍ଜି ପଞ୍ଚାୟତର ଭଟାବିର ଗ୍ରାମରେ ଚଢ଼ାଉକରି ଜଣେ ବ୍ୟକ୍ତିଙ୍କ ଘରୁ ୩ ବସ୍ତା ଚନ୍ଦନକାଠ ଜବତ କରିଛି। ଘର ମାଲିକ ସନ୍ତୋଷ ହନ୍ତାଳଙ୍କୁ ଗିରଫ କରାଯାଇଛି। ଓଜନ ପରେ ଜବତ ଚନ୍ଦନକାଠ ୫୫ କିଲୋ ୨୦୦ ଗ୍ରାମ ଥିବା ଜଣାପଡ଼ିଛି। ସନ୍ତୋଷଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି।



ଜବତ ଚନ୍ଦନକାଠ ଏବଂ ଗିରଫ ଅଭିଯୁକ୍ତ।

ନନ୍ଦପୁର ବ୍ଲକର ଭଟାବିର ଗ୍ରାମରୁ ବାହାର ରାଜ୍ୟକୁ ଚନ୍ଦନକାଠ ଚୋରାଚାଲାଣ ହେଉଥିବା ସୂଚନା ପାଇ ଥାନାଧିକାରୀ ପ୍ରଫୁଲ୍ଲ ଲାକ୍ରା, ଏସ୍‌ଆଇ ଦୀପ୍ତିମୟୀ ଧାରୁଆ, ଏସ୍‌ଆଇ ବେଦୋବର ସାହୁ, ଏଏସ୍‌ଆଇ ଆର୍‌ଏନ୍ ଭକ୍ତଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଯୋଜନା ମୁତାବକ ସୋମବାର ରାତିରେ ସନ୍ତୋଷଙ୍କ ଘରେ ଚଢ଼ାଉକରି ଚନ୍ଦନକାଠ ଜବତକରି ସନ୍ତୋଷଙ୍କୁ ଧରିବାରେ ସଫଳ ହୋଇଥିଲା। ପଚରାଉଚରା ବେଳେ ସେ ଅଳ୍ପ ଅଳ୍ପ ଚନ୍ଦନକାଠ ଜଙ୍ଗଲରୁ ସଂଗ୍ରହ କରିଆଣି ପାଡୁଆ ଓ ସେମିଳିଗୁଡ଼ା ଅଞ୍ଚଳରେ ବିକ୍ରି କରୁଥିବା ସ୍ୱୀକାର କରିଛନ୍ତି। ଏହି ଜବତ ଚନ୍ଦନକାଠ ସେ ବାହାରକୁ ଚାଲାଣ ଲାଗି ରଖିଥିଲେ ବୋଲି କହିଛନ୍ତି। ଖବର ପାଇ ସେମିଳିଗୁଡ଼ା ବନାଞ୍ଚଳ ଅଧିକାରୀ ଟି. ପଣ୍ଡା, ନନ୍ଦପୁର ବନପାଳ ଗୋପୀନାଥ ପାଙ୍ଗୀ ନନ୍ଦପୁର ଥାନାରେ ପହଞ୍ଚି ଜବତ ଚନ୍ଦନକାଠ ଯାଞ୍ଚକରି ଏହାକୁ ନିଜ ହେପାଜତକୁ ନେଇଛନ୍ତି। ଏହାର ବଜାର ମୂଲ୍ୟ ୧.୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏ ନେଇ ନନ୍ଦପୁର ଥାନାରେ ୩୭/୨୩ରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ଆଇ ସାହୁ ମାମଲାର ତଦନ୍ତ କରୁଥିବା ଥାନାଧିକାରୀ ଲାକ୍ରା କହିଛନ୍ତି।

# ବିସ୍ଥାପିତ ପରିଷଦ ଦେଲା ଦାବିପତ୍ର



ବିସ୍ଥାପିତ ଗ୍ରାମବାସୀ ଦାବିପତ୍ର ଦେଉଛନ୍ତି।

ନନ୍ଦପୁର, ୧୮।୪ (ଡି.ଏନ.ଏ.)

ଜଲାପୁଟ ରିଜର୍ଭର ପାଇଁ ବିସ୍ଥାପିତ ହୋଇଥିବା ନନ୍ଦପୁର ବ୍ଲକର ୧୦ ପଞ୍ଚାୟତ ବାସୀଙ୍କୁ ନେଇ ଗଠିତ ବିସ୍ଥାପିତ ପରିଷଦ ମଙ୍ଗଳବାର ନନ୍ଦପୁର ଟିପିଏସ୍‌ଓଡିଏଲ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଯନ୍ତ୍ରୀ ବିକାଶ ଚୌଧୁରୀଙ୍କୁ କୋରାପୁଟ ଜିଲାପାଳ ଓ ଟାଟା ପାୱାର ନିର୍ବାହୀ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ କେନ୍ଦ୍ରୀୟ ଯୋଜନା ସୌଭାଗ୍ୟ ଜ୍ୟୋତି ଓ ରାଜ୍ୟ ସରକାରଙ୍କ ବିଜୁ ଜ୍ୟୋତି ଯୋଜନାକୁ ଟାଟା ପାୱାର ହଡ଼ପ କରିଛି। ଯୋଜନାଧୀନ ସମସ୍ତ ସୁବିଧା ଓ ରିହାତିକୁ ଲୋକଙ୍କଠାରୁ ଛଡ଼ାଇ ନେଇଛି। ସାଉଥକୋ ସମୟରେ ପାଇଥିବା ରିହାତିକୁ ଲୋକଙ୍କଠାରୁ ଛଡାଇ ନେଇ ଏବାବଦରେ ଅର୍ଥ ଆଦାୟ କରାଯାଉଥିବା ଦାବିପତ୍ରରେ ଅଭିଯୋଗ କରାଯାଇଛି। ବିନା ନୋଟିସ ଓ ବିନା ଆଲୋଚନାରେ ବକେୟା ଆଳ ଦେଖାଇ କମ୍ପାନୀ ବିଦ୍ୟୁତ୍ ଉପଭୋକ୍ତାଙ୍କ ସମେତ ସରକାରୀ ଭାବେ ଯୋଗାଣ ହେଉଥିବା ଗ୍ରାମାଞ୍ଚଳର ପାନୀୟ ଜଳଯୋଗାଣ ଉତ୍ସ ଗୁଡିକରୁ ବିଦ୍ୟୁତ୍ କାଟ୍ କରୁଛି। ବିଦ୍ୟୁତ୍ ଯନ୍ତ୍ରାଂଶ ପୋଡ଼ିଗଲେ ମରାମତି ପାଇଁ ଲୋକଙ୍କଠାରୁ ଟଙ୍କା ଦାବି କରାଯାଉଛି। ଏସବୁ ସମସ୍ୟାର ସମାଧାନ ଆସନ୍ତା ୧୫ ଦିନ ମଧ୍ୟରେ କରା ନ ଗଲେ ନନ୍ଦପୁର ବ୍ଲକର ଜଲାପୁଟ ରିଜର୍ଭର ଦ୍ୱାରା ବିସ୍ଥାପିତ ୧୦ ପଞ୍ଚାୟତବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ବିସ୍ଥାପିତ ପରିଷଦର ସଭାପତି ମଦନ ସୁନ୍ଦର ଖିଲ ଓ ହରି ହନ୍ତାଳ, ବିଲାପୁଟ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ନବ ମାଲିକ, ବଳରାମ ଗୁଣ୍ଡା, ଦଇତାରି ଶିସା, ଲକ୍ଷ୍ମଣ ଖେମୁଣ୍ଡୁ, ପଦଲାମ ମାଟାଙ୍କ ସହ ଶତାଧିକ ବିସ୍ଥାପିତ ସଦସ୍ୟ ଉପସ୍ଥିତ ଥିଲେ। ଯନ୍ତ୍ରୀ ବିକାଶ ଚୌଧୁରୀ ଦାବିପତ୍ର ଟିକୁ ଜିଲ୍ଲାପାଳ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରେରଣ କରିବେ ବୋଲି କହିଛନ୍ତି।

# ଦ୍ୱିତୀୟ ପର୍ଯ୍ୟାୟରେ ମିଳିଲା ୧୪ କୋଟି ୭୦ ଲକ୍ଷ

**କୋରାପୁଟ ଜିଲାର ୬ ଧାର୍ମିକ ଅନୁଷ୍ଠାନକୁ ଅନୁଦାନ**

କୋରାପୁଟ,୧୮।୪(ସ୍ୱ.ପ୍ର.)– ରାଜ୍ୟ ସରକାରଙ୍କ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ କୋରାପୁଟ ଜିଲାର ୬ଟି ଧାର୍ମିକ ଅନୁଷ୍ଠାନର ନବୀକରଣ, ପୁର୍ନରୁଦ୍ଧାର ଓ ମରାମତି ପାଇଁ ୧୪ କୋଟି ୭୦ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିବା ମଙ୍ଗଳବାର କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡାଲ କହିଛନ୍ତି। ଏହି ଅର୍ଥ କୋରାପୁଟ ଜେଇଏଲସି ଚର୍ଚ୍ଚ ପାଇଁ ୩ କୋଟି ଟଙ୍କା, କୋରାପୁଟ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପାଇଁ ୧ କୋଟି ୫୦ ଲକ୍ଷ, ନାରାୟଣପାଟଣା ଜଗନ୍ନାଥ ମନ୍ଦିର ପାଇଁ ୪ କୋଟି , ବନ୍ଧୁଗାଁ ବ୍ଲକର ନିଲାବାଡି ମା ଅଗ୍ନିଗଙ୍ଗା ମନ୍ଦିର ପାଇଁ ୨ କୋଟି , ପଟ୍ଟାଙ୍ଗି ଗାଙ୍ଗେଶ୍ୱର ମନ୍ଦିର ପାଇଁ ୩ କୋଟି ଟଙ୍କା, ଜୟପୁର ଜଗନ୍ନାଥ ମନ୍ଦିର ପାଇଁ ୧ କୋଟି ୨୦ ଲକ୍ଷ ଟଙ୍କା ରହିଛି। ଏଥିପାଇଁ କୋରାପୁଟ ଜିଲାବାସୀଙ୍କ ପକ୍ଷରୁ ବିଧାୟକ ପଡାଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫–ଟି ସଚିବ ଭି.କେ.ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଭିଡିଓ କନଫରେସିଂରେ ଜିଲାପାଳ ଅବଦାଲ ଏମ. ଅଖତାର, ୫–ଟି ସଚିବ ଭି.କେ. ପାଣ୍ଡିଆନ, କୋରାପୁଟ ବିଧାୟକ ପଡାଲ , ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ କୋରାପୁଟ ଜିଲାର ୩୮ଟି ଧର୍ମାନୁଷ୍ଠାନ ପାଇଁ ୩ କୋଟି ୮୦ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିଲା ।

### ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ମାଥିଲି,୧୮।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକସ୍ଥିତ ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସ୍କୁଲ ପ୍ରତିଷ୍ଠାତା ସ୍ୱର୍ଗତ ରାଓଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଏଥିରେ ରାଓଙ୍କ ସ୍ତ୍ରୀ ଆର୍ ସୋରଜା, ପୁଅ ଉମାଶଙ୍କର, ଝିଅ ମୀନା ନନ୍ଦିନୀ ସିରେସା ପ୍ରମୁଖଙ୍କ ସମେତ ଶିକ୍ଷାବିତ୍, ଜିଲା ପରିଷଦ ସଭ୍ୟ ବାଳରାଜୁ କୋପେ, ଶମ୍ଭୁ ପ୍ରସାଦ ଅନୁଗୁଳିଆ, ଆଦିବାସୀ ନେତା ହଳଧର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଅଧକ୍ଷ ସୁବ୍ରତ କୁମାର ଭଦ୍ର ପରିଚାଳନା କରିଥିଲେ। ମାଥିଲି ଅଞ୍ଚଳରେ ଶିକ୍ଷାର ବିକାଶ ଏବଂ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ ଗଠନ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ପ୍ରତିଷ୍ଠାତା ତଥା ସ୍ୱର୍ଗତ ଆର୍.ଗୁପ୍ତେଶ୍ୱର ରାଓ ଉଦ୍ୟମ କରିଥିଲେ। ତାଙ୍କ



ଉଦ୍ୟମରେ ୨୦୦୦ ଜୁଲାଇ ୧୯ରେ ସଦର ମହକୁମାରେ ଉତ୍କଳମଣି ଗୋପବନ୍ଧୁ ଯୁକ୍ତ ୨ ମହାବିଦ୍ୟାଳୟ ସ୍ଥାପନ ହୋଇଥିଲା। ସ୍ୱର୍ଗତ ରାଓ ଜଣେ ବିଶିଷ୍ଟ ଶିକ୍ଷାବିତ୍ ଥିଲେ। ଶିକ୍ଷାର ବିକାଶ ଦିଗରେ ତାଙ୍କର ଉଦ୍ୟମ ଯୋଗୁ ଆଜି ଏଠାରେ ଶିକ୍ଷାର ମନ୍ଦିର ଗଢ଼ି ଉଠିଛି। ଏଭଳି ଉପାନ୍ତ ଅଞ୍ଚଳରେ ଉଚ୍ଚଶିକ୍ଷା ଦିଗରେ ଏହା ଏକ ବିପ୍ଲବ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ସମସ୍ତ କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ।

### କୁଟିକିଆ ଜଙ୍ଗଲରୁ ଗଞ୍ଜେଇ ଜବତ

ବାଲିଗୁଡ଼ା,୧୮।୪(ଡି.ଏନ.ଏ.)

୪୪୦ କେଜି ଗଞ୍ଜେଇକୁ ବାଲିଗୁଡ଼ା ପୋଲିସ କୁଟିକିଆ ଜଙ୍ଗଲରୁ ଜବତ କରିଛି। ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଗଞ୍ଜେଇ ଚାଲାଣ ଖବର ପାଇ ପୋଲିସ ଚଢାଉଉ କରିଥିଲା। ଚାଲାଣକାରୀମାନେ ଘଟଣାସ୍ଥଳରୁ ଗଞ୍ଜେଇ ଛାଡି ଚମ୍ପଟ ମାରିଥିଲେ।

# ହଳ କରିବା ବେଳେ ସାପ କାମୁଡାରେ ଚାଷୀ ମୃତ

ପଟ୍ଟାଙ୍ଗି,୧୮।୪(ଡି.ଏନ.ଏ.)

ନିଜ ଚାଷଜମିରେ ହଳ କରୁଥିବା ସମୟରେ ସାପ କାମୁଡି ଦେବା ଯୋଗୁ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପଟ୍ଟାଙ୍ଗି ବ୍ଲକ ସୁଙ୍କି ଥାନା ଅଧୀନ ଅମ୍ବାବାଲି ପଞ୍ଚାୟତ ଚମ୍ପାଗୁଡା ଗ୍ରାମର ସାଗରବଇ ସିତାୟା । ସିତାୟା ମଙ୍ଗଳବାର ସକାଳେ ଗ୍ରାମଠାରୁ କିଛି ଦୂରରେ ଥିବା ନିଜ ଚାଷଜମିକୁ ପୁତୁରା ସହ ମିଶି ହଳ କରିବାକୁ ଯାଇଥିଲେ। ସେ ହଳ କରୁଥିବା ସମୟରେ ଏକ ବିଷଧର ସାପ ସିତାୟାଙ୍କ ବାମ ଗୋଡକୁ କାମୁଡି ଦେଇଥିଲା । ଫଳରେ ଘଟଣା ସ୍ଥଳରେ ସେ ଅଚେତ ହୋଇ ପଡିଥିଲେ। ଏହା ଦେଖି ପୁତୁରା ସାଗର ବଇ ଆପନା ଗ୍ରାମବାସୀଙ୍କୁ ଡାକି ଘଟଣା ସ୍ଥଳରୁ ସିତାୟାଙ୍କୁ ଧରି ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପୁତୁରା ଆପନା ସୁଙ୍କି ପୋଲିସକୁ ଜଣାଇବା ପରେ ଏସ୍‌ଆଇ କରୁଣାକର ଶବରଙ୍କ ନିର୍ଦ୍ଦେଶରେ ଏଏସ୍‌ଆଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ସୂଚନା ପାଇ ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ଓ ଉପଜିଲାପାଳ ବେଣୁଧର ଶବର ଡାକ୍ତରଖାନାରେ ପହଞ୍ଚି ସିତୟାଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ତହସିଲଦାର ପେଟ୍ରୁରୁ ରାଜସ୍ୱ ନିରୀକ୍ଷକଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଆସିବା ପରେ ନିୟମ ଅନୁସାରେ ସହାୟତା ଯୋଗାଇ ଦେବା ନେଇ ବ୍ୟବସ୍ଥା ହେବ ବୋଲି ସେ କହିଛନ୍ତି।

# ଅସହାୟ ଶିଶୁକୁ କୋଳେଇ ନେଲେ ବେଙ୍ଗାଲୁରୁ ଦମ୍ପତି

ମାଲକାନଗିରି,୧୮।୪(ଡି.ଏନ.ଏ.)– ବେଙ୍ଗାଲୁର ଦମ୍ପତିଙ୍କ ପାଇଁ ଜଣେ ଅସହାୟ ଶିଶୁ ତା'ର ନୂଆ ପରିଚୟ ପାଇପାରିଛି। ପରିବର୍ତ୍ତନ ସଂସ୍ଥାରୁ ମଙ୍ଗଳବାର ଏହି ଦମ୍ପତି ଶିଶୁପୁତ୍ରକୁ ଗ୍ରହଣ କରି ନିଜ ଖୁସି ପ୍ରକାଶ କରିଛନ୍ତି। ମାଲକାନଗିରି ଜିଲାରେ ଏପରି ଅନାଥ, ଅସହାୟ ଶିଶୁଙ୍କ ପାଇଁ ପ୍ରଶାସନ ପକ୍ଷରୁ ପରିବର୍ତ୍ତନ ନାମକ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। କିଛି ମାସ ତଳେ ସଂସ୍ଥାର ଡାଇରେକ୍ଟର ନିତ୍ୟାନନ୍ଦ ପ୍ରଧାନ ଶିଶୁପୁତ୍ର ଆକାଶକୁ ଆଣି ରଖିଥିଲେ। ବେଙ୍ଗାଲୁର ଦମ୍ପତି ତାକୁ ନିଜ ସନ୍ତାନ ରୂପେ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିବାରୁ ଏ ଦିଗରେ ରହିଥିବା ନିୟମ ଅନୁସାରେ ସମସ୍ତ କାଗଜପତ୍ର ପ୍ରସ୍ତୁତ ହୋଇଥିଲା। ଏହି କାଗଜପତ୍ର ଯାଞ୍ଚ କରିବା ପରେ ମାଲକାନଗିରି ଜିଲାପାଳ ବିଶାଲ ସିଂ ବେଙ୍ଗାଲୁର ଦମ୍ପତି ରାଜଲକ୍ଷ୍ମୀ ଓ ସୁବୁଲାଇ ମୁତ୍ତୁଙ୍କୁ ଆକାଶଙ୍କୁ ହସ୍ତାନ୍ତର କରିଥିଲେ। ସୂଚନାଯୋଗ୍ୟ, ଏହି ଦମ୍ପତି ପୂର୍ବରୁ ଏକ କନ୍ୟା ସନ୍ତାନକୁ ବିହାରରୁ ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ କରିଥିଲେ। ଏବେ ସେମାନଙ୍କ ପରିବାର ସମ୍ପୂର୍ଣ୍ଣ ହୋଇଛି ବୋଲି ଉଭୟେ ପ୍ରକାଶ କରିଛନ୍ତି।



ପୁତ୍ର ସନ୍ତାନ ଗ୍ରହଣ କରିଥିବା ଦମ୍ପତି।

# ଜିଲା ଯାଦବ ମହାସଭାର ଦାବିପତ୍ର

କୋରାପୁଟ,୧୮।୪(ସ୍ୱ.ପ୍ର.)

କୋରାପୁଟ ଜିଲା ଯାଦବ ମହାସଭା ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅବଦାଲ ଏମ୍. ଅଖତାରଙ୍କୁ ଏକ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି, ଅବିଭକ୍ତ କୋରାପୁଟ ଜିଲାରେ ମୋଟ ଜନସଂଖ୍ୟାର ୨୨ ପ୍ରତିଶତ ଅର୍ଥାତ୍ ପ୍ରାୟ ୧୨ ଲକ୍ଷ ଯାଦବ(ଗୌଡ଼) ଜାତିର ଲୋକ ବସବାସ କରୁଛନ୍ତି । ଶିକ୍ଷା ହେଉ କି ଚାକିରି ଅବା ରାଜନୀତି କ୍ଷେତ୍ରରେ ସେମାନଙ୍କ ଭାଗୀଦାରି ଜିଲାରେ ୧ ପ୍ରତିଶତ ମଧ୍ୟ ନାହିଁ। ସଂସଦରେ ରାଜ୍ୟରୁ ସେମାନଙ୍କ ଜାତିର ଲୋକ କେହି ନ ଥିବା ବେଳେ ରାଜ୍ୟ ବିଧାନସଭାରେ ସେମାନଙ୍କ ସ୍ଥାନ ୧ ପ୍ରତିଶତରୁ ତଳେ ରହିଛି। ଗତ ୧୬ରେ ଜୟପୁରଠାରେ ଅନୁଷ୍ଠିତ ଗୌଡ଼ ଅଧିକାର ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସେମାନଙ୍କ ୭ ଦଫା ଦାବି ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁସାରେ ମଙ୍ଗଳବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ



ଯାଦବ ମହାସଭା କର୍ମକର୍ତ୍ତା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ମଧ୍ୟରେ ଅବିଭକ୍ତ କୋରାପୁଟ ଜିଲାରେ ବସବାସ କରୁଥିବା ଗୌଡ଼ମାନଙ୍କୁ 'ଗିରିଜନ' ମାନ୍ୟତା ଦେବା, ଜାଗା ମିଶନ ଢାଞ୍ଚାରେ ଅବିଭକ୍ତ କୋରାପୁଟ ଜିଲାର ଗୌଡ଼ଙ୍କୁ ଜଙ୍ଗଲ ଜମି ପଟ୍ଟାଦେବା, ଗୋଚର ଜମି ଜବରଦଖଲ ମୁକ୍ତ କରିବା, ଗଉଡ଼ ଜାତିର ଛାତ୍ରୀଛାତ୍ରଙ୍କ ପାଇଁ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିବା, ରାଜ୍ୟରେ ଗୋସେବା ଆୟୋଗ ପ୍ରତିଷ୍ଠା କରିବା, ଓମ୍‌ଫେଡ୍ ଦାୟିତ୍ୱ ଗୌଡ଼ଙ୍କୁ ଦେବା, ଗୌଡ଼ ଉନ୍ନୟନ ପରିଷଦ ଗଠନ କରିବା ଏବଂ ଜଣେ ଗୌଡ଼ ଜାତିର ଲୋକଙ୍କୁ ରାଜ୍ୟସଭାକୁ ପଠାଇବା ଲାଗି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ସମୟରେ ଜିଲା ସଭାପତି ମଦନ ମୋହନ ନାୟକ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ଼, କାର୍ଯ୍ୟକାରୀ ସଭାପତି ବୁଲୁ ଗୌଡ଼, ଉପସଭାପତି ପରମେଶ୍ୱର ପାତ୍ର, କୋଷାଧକ୍ଷ ନରେଶ ମହାକୁଳ, ଲମତାପୁଟ ସଭାପତି ଅର୍ଜୁନ ହନ୍ତାଳ, ନନ୍ଦପୁର ସଭାପତି ଗୋବର୍ଦ୍ଧନ ବୈରାଗୀ, ଦଶମନ୍ତପୁର ସଭାପତି କମଳଲୋଚନ ଗୌଡ଼, କୋରାପୁଟ ସଭାପତି ସୁନାଧର ଗୌଡ଼, ଉପଦେଷ୍ଟା ଗୋପୀନାଥ ପୋଲାଇ, ଚନ୍ଦ୍ରକାନ୍ତ ସୂତାର, ଶ୍ରୀଚନ୍ଦନ ନାୟକ, ହରି ଗୌଡ଼, ମଧୁସୂଦନ ଗୋଲାରି, ନକୁଳ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ପରିବହନ

**ଜିପ୍, ଟ୍ରାକ୍ଟର ଓ କମାଣ୍ଡର ନେଉଛନ୍ତି ଅଧିକ ଯାତ୍ରୀ**

ମାଲକାନଗିରି,୧୮।୪(ଡି.ଏନ.ଏ.)

ମାଲକାନଗିରି ଜିଲାର ଆଦିମ ଜନଜାତି ବଣ୍ଡା ସଂପ୍ରଦାୟର ଲୋକେ ରହୁଥିବା ବଣ୍ଡା ଘାଟିର ବିକାଶ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ରାଜ୍ୟ ସରକାର। ବିକାଶ ମଧ୍ୟ ହୋଇଛି, ମାତ୍ର ସ୍ଥାନୀୟ ପ୍ରଶାସନ ପକ୍ଷରୁ ସେମାନଙ୍କ ଯାତାୟାତ ଲାଗି ଉଚିତ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ଏଠାକାର ଲୋକେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ବଣ୍ଡା ଘାଟିରେ ପୂର୍ତ୍ତ ବିଭାଗ ପକ୍ଷରୁ ଭଲ ରାସ୍ତା ନିର୍ମାଣ କରାଯାଇଥିଲେ ସୁଦ୍ଧା ଲୋକଙ୍କ ଯାତାୟାତ ପାଇଁ ବସ୍ ନ ଥିବାରୁ ଲୋକେ କମାଣ୍ଡର, ଜିପ ଭଳି ଗାଡିମୋଟରରେ ଯାତ୍ରା କରୁଛନ୍ତି। ଏହି ଗାଡିଗୁଡିକର ଚାଳକମାନେ ଅଧିକ ଅର୍ଥ ଲୋଭରେ ବିପଦସଙ୍କୁଳ ଭାବେ କ୍ଷମତାରୁ ଅଧିକ ଯାତ୍ରୀଙ୍କୁ ଗାଡିରେ ବସାଇ ନେବା ଆଣିବା କରୁଛନ୍ତି। ଏପରି ଯାତ୍ରା ସମୟରେ ଅନେକ ଥର ଦୁର୍ଘଟଣା ଘଟି ଲୋକଙ୍କ ଧନଜୀବନ ହାନି ହେଉଥିଲେ ମଧ୍ୟ ଏହାକୁ ସୁଧାରିବା ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ । ଅନ୍ୟପକ୍ଷରେ କୌଣସି ବିକଳ୍ପ ନ ଥିବାରୁ ଲୋକେ ବାଧ ହୋଇ ନିଜ ଜୀବନକୁ ବାଜି ଲଗାଇ ଯିବା ଆସିବା କରୁଛନ୍ତି। ବଣ୍ଡା ଘାଟିରେ ଦୁଇଟି ପଞ୍ଚାୟତର ୩୨ଟି ଗ୍ରାମରେ ପ୍ରାୟ ୧୫ହଜାରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସେମାନେ ପ୍ରତ୍ୟେହ ହାଟ, ବଜାର, ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ସ୍କୁଲ କଲେଜ, ସ୍ୱାସ୍ଥ୍ୟ କେନ୍ଦ୍ର, ବ୍ୟାଙ୍କ ଯାତାୟାତ ପାଇଁ କମାଣ୍ଡର, ଟ୍ରାକ୍ଟର, ଜିପ ଉପରେ ନିର୍ଭର କରନ୍ତି। ଏଥିରେ ବିପଦସଙ୍କୁଳ ଭାବେ ଖଇରପୁଟ ଆସନ୍ତି ।



ଜିପ୍ ଓ କମାଣ୍ଡରରେ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରା କରୁଥିବା ଲୋକେ।

ଖଇରପୁଟରୁ ମୁଦୁଲିପଡା ୧୪ କିଲୋମିଟର ଦୂର ହୋଇଥିବା ବେଳେ ସେମାନଙ୍କୁ ଭଡା ବାବଦରେ ୫୦ରୁ ୧୦୦ ଟଙ୍କା ଯାଏ ଦେବାକୁ ପଡେ। ଗତ ୧୦ବର୍ଷ ତଳେ ଏକ ବସ୍ ବଣ୍ଡା ଘାଟିକୁ ଯାଉଥିଲା। ସେତେବେଳ ଅତି ସହଜରେ ଦୁଇଟି ପଞ୍ଚାୟତର ଲୋକେ ବସ୍ ସେବା ପାଉଥିଲେ। ମାତ୍ର କିଛିମାସ ଏହି ବସ ଚାଲିବା ପରେ ତାହା ବନ୍ଦ ହୋଇଗଲା। ସେବେଠାରୁ ବଣ୍ଡାଘାଟିକୁ ଆଉ ବସ୍ ଚାଲୁନାହିଁ। ଏହାର ସୁଯୋଗ ନେଇ ଘରୋଇ ଜିପ୍, ଟ୍ରାକ୍ଟର ଓ କମାଣ୍ଡରଗୁଡିକ ଲୋକଙ୍କୁ ଷୋଶଣ କରୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ଜିଲା ପରିବହନ ବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଶିକ୍ଷା ଅଧିକାର ଯୋଜନାରେ ୬ବର୍ଷ ହେବ ମିଳିନି ସୁବିଧା

■ ଡିଇଓଙ୍କୁ ଅଭିଯୋଗ ଜଣାଇଲେ ମହିଳା

■ ଅର୍ଥ ଅଭାବରୁ ଗରିବ ଛାତ୍ରୀଛାତ୍ର ପାଠ ଛାଡ଼ିବା ଆଶଙ୍କା

ନବରଙ୍ଗପୁର,୧୮।୪(ବି.ପ୍ର.)

ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ଶିକ୍ଷାର ଗୁଣାତ୍ମକ ବିକାଶ କରିବା ଉଦ୍ଦେଶ୍ୟରେ ସର୍ବଶିକ୍ଷା ଅଭିଯାନ, ଅନ୍ୱେଷା, ଶିକ୍ଷା ଅଧିକାର ଯୋଜନା, ଆଦର୍ଶ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଓ ୫-ଟି ଯୋଜନାରେ ସ୍କୁଲର ଭିତ୍ତିଭୂମି ବିକାଶ କରୁଛନ୍ତି। କିନ୍ତୁ ନବରଙ୍ଗପୁର ଜିଲାରେ ଶିକ୍ଷା ଅଧିକାର ଯୋଜନା ଏକ ପ୍ରହସନ ପାଲଟିଛି। ୬ ବର୍ଷ ଧରି ଜିଲାର ପବ୍ଲିକ ସ୍କୁଲରେ ଶିକ୍ଷା ଅଧିକାର ଯୋଜନା ଅଧୀନରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଖର୍ଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ମିଳିନାହିଁ। ନବରଙ୍ଗପୁର ଜିଲା ସଦରରେ ଏଭଳି ଏକ ଅନିୟମିତତାର ସଦ୍ୟ ଉଦାହରଣ ଦେଖିବାକୁ ମିଳିଛି।

ପୌରାଞ୍ଚଳ ୱାର୍ଡ ନଂ.୧୬ ଗାନ୍ଧୀନଗର ନିବାସୀ ସୁନୀତା ପୂଜାରୀଙ୍କ ସ୍ୱାମୀ ରତନ ଆନ୍ଧ୍ରପ୍ରଦେଶରେ ଦାଦନ ଖଟୁଛନ୍ତି। ଶିକ୍ଷା ଅଧିକାର ଯୋଜନାର ଲାଭ ଉଠାଇ ପୁଅକୁ ଇଂରାଜୀ ମାଧ୍ୟମ ସ୍କୁଲରେ ନାମ ଲେଖାଇଥିଲେ। ପ୍ରଥମ ଦୁଇ ବର୍ଷ ମାଗଣାରେ ସ୍କୁଲ୍ ଫି ସହ ବହି ଖାତା ସ୍କୁଲ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ଚଳିତବର୍ଷ ସ୍କୁଲ ଫି ଛାଡ଼ କରିଥିବାବେଳେ ବହି ଖାତା ବାବଦକୁ ଏଜେନ୍ସି ପାଖରେ ୩୯୦୦ ଟଙ୍କା ଦେବା ପାଇଁ ସ୍କୁଲ ପ୍ରିନ୍ସିପାଲ କହିବା ପରେ ସୁନୀତା ଡିଇଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବହିଖାତା କିଣିବା ପାଇଁ ଅସମର୍ଥ ଗରିବ ସୁନିତା ମଙ୍ଗଳବାର ନବରଙ୍ଗପୁର ଡିଇଓ ପ୍ରଦୀପ ନାଗଙ୍କୁ ଭେଟି ଏନେଇ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଶିକ୍ଷା ଅଧିକାର ଯୋଜନା ଅନୁଯାୟୀ ତାଙ୍କ ପୁଅକୁ ଶିକ୍ଷା ବିଭାଗ ପକ୍ଷରୁ ମାଗଣାରେ ବହି ଖାତା ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି। ଏହାର ଏକ ନକଲ ରାଜ୍ୟ ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି ଓ ନବରଙ୍ଗପୁର ଜିଲାପାଳଙ୍କୁ ପଠାଇଛନ୍ତି। ଏ ନେଇ ଡିଇଓଙ୍କୁ ପଚାରିବାରୁ ଛଅ ବର୍ଷ ଧରି ବିଭିନ୍ନ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଖର୍ଚ୍ଚ ଶିକ୍ଷା ବିଭାଗ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପୈଠ କରିନାହାନ୍ତି ବୋଲି ସ୍ୱୀକାର କରିଥିଲେ। ସେ ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି। ଅପରପକ୍ଷେ ସଦର ମହକୁମାର ବିଭିନ୍ନ କନ୍‌ଭେଣ୍ଟ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ୬ବର୍ଷ ଧରି ଜିଲା ଶିକ୍ଷା ବିଭାଗ ପକ୍ଷରୁ ଟଙ୍କା ମିଳି ନ ଥିବାରୁ ଅଧିକାଂଶ ସ୍କୁଲ ଛାତ୍ରୀଛାତ୍ରଙ୍କୁ ବହି ଖାତା ଯୋଗାଇ ଦିଆଯାଇପାରୁନି ବୋଲି କହିଛନ୍ତି। ଅନେକ ଥର ଜିଲା ଶିକ୍ଷା ବିଭାଗକୁ ସେମାନଙ୍କ ବର୍ଷ ତମାମ ସ୍କୁଲ ଫି ଓ ବହି ଖାତା ଖର୍ଚ୍ଚ ବିବରଣୀ ଦେଇ ଅପେକ୍ଷା କରି ରହିବାକୁ ପଡୁଛି। ଶିକ୍ଷା ବିଭାଗ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ କେତେକ ସ୍କୁଲ ବର୍ଷ ସାରା ଫି ନ ନେଇ ଶିକ୍ଷାଦାନ କରିପାରିବେ, କିନ୍ତୁ ବହି ବାବଦକୁ ଅଭିଭାବକମାନେ ବହି ଖାତା ଯୋଗାଇ ଦେଉଥିବା ଏଜେନ୍ସିଠାରୁ ଟଙ୍କା ଦେଇ କିଣିବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ସମେତ ଜିଲା ପ୍ରଶାସନ ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ସଂଖ୍ୟା ବୃଦ୍ଧି ପାଇଁ ସଚେତନ କରୁଛନ୍ତି। ସୁନୀତାଙ୍କ ପୁଅ ଭଳି ଅନ୍ୟମାନେ ଯେମିତି ଡ୍ରପ୍‌ଆଉଟ୍ ଛାତ୍ରୀଛାତ୍ରଭାବେ ପରିଗଣିତ ନ ହୁଅନ୍ତି, ସେଥିପାଇଁ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକ ରହିଛି ବୋଲି ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ କହିଛନ୍ତି।


ଡିଇଓଙ୍କ ନିକଟରେ ସୁନୀତା ଅଭିଯୋଗ କରୁଛନ୍ତି।

## ସଂକ୍ଷେପରେ

### ସ୍ୱାମୀ ମାଡ଼ରେ ସ୍ତ୍ରୀ ମୃତ

ଡାବୁଗାଁ, ୧୮।୪(ଡି.ଏନ୍.ଏ.)-ସ୍ୱାମୀ ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ଏହା ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଚାଟିଗୁଡ଼ା ଗ୍ରାମରେ ମଙ୍ଗଳବାର ଅପରାହ୍ଣରେ ଏହି ଘଟଣା ଘଟିଛି। ମୃତକ ହେଲେ ଚାଟିଗୁଡା ଗ୍ରାମର କ୍ଷେତ୍ରୀ ସମରଥଙ୍କ ସ୍ତ୍ରୀ ମିଥୁଲା ସମରଥ (୪୩)। ମଙ୍ଗଳବାର ଦିନ ପ୍ରାୟ ୨ଟାରେ ଖରାବେଳ ଖାଇବାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। କ୍ଷେତ୍ରୀ ମିଥୁଲାଙ୍କୁ ଏକ ମୁଥ ମାରିଦେଇଥିଲେ। ଏହାପରେ ମିଥୁଲା ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଉକ୍ତ ଖବର ଗ୍ରାମରେ ପ୍ରସାରିତ ହେବାପରେ ଗ୍ରାମବାସୀ କ୍ଷେତ୍ରୀଙ୍କ ଘର ଆଗରେ ଜମା ହୋଇଯାଇଥିଲେ। ଏହାପରେ ମୃତକଙ୍କ ଭାଇ ମଦନ ନାୟକ ଘଟଣାସ୍ଥଳରେ ପହଞ୍ଚି ଡାବୁଗାଁ ଥାନାକୁ ଖବର ଦେଇଥିଲେ। ଖବରପାଇ ଥାନାଧିକାରୀ ସୁନୀଲ ପ୍ରଧାନ, ସବଇନ୍ସିପେକ୍ଟର ଚନ୍ଦନ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ମୃତକଙ୍କ ଭାଇଙ୍କ ଏତଲା ଆଧାରରେ ଡାବୁଗାଁ ପୋଲିସ ୮୨/୨୩ ରେ ଏକ ମାମଲା ରୁଜୁ କରିଛି। ବୁଧବାର ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ। କ୍ଷେତ୍ରୀଙ୍କୁ ପୋଲିସ ଅଟକ ରଖିଛି।

### ୱାର୍ଡ ସଭ୍ୟଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଡାବୁଗାଁ, ୧୮।୪ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷଠାରେ ୱାର୍ଡ ସଭ୍ୟାସଭ୍ୟଙ୍କୁ ନେଇ ଏକ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଡିଓ ଶରତ ମାଝିଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଆରମ୍ଭ ହୋଇଯାଇଛି। ଏଥିରେ ପଞ୍ଚାୟତ ପରିଚାଳନା, ବିଷୟ ବସ୍ତୁ ସମ୍ବନ୍ଧୀୟ ପଞ୍ଚାୟତ ବିକାଶ ଯୋଜନା ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ତାଲିମ ଦିଆଯାଇଥିଲା। ପ୍ରଥମ ଦିନରେ ୪ ପଞ୍ଚାୟତର ମୋଟ ୪୪ଜଣ ୱାର୍ଡ ସଭ୍ୟାସଭ୍ୟ ତାଲିମ ନେଇଥିଲେ। ଏଥିରେ ପ୍ରଶିକ୍ଷକଭାବେ ଏବିଡିଓ ପଦ୍ମନାଭ ତ୍ରିପାଠୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି ପ୍ରସାଦ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ବର୍ଣ୍ଣବାସ ନାୟକ ପ୍ରମୁଖ ତାଲିମ ଦେଇଥିଲେ।

### ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିଥିବା ଅଭିଯୋଗ, ସ୍ୱାମୀ ନାଁରେ ମାମଲା

ଜୟପୁର,୧୮।୪(ନି.ପ୍ର.)- ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରି ପ୍ରଥମ ସ୍ତ୍ରୀଙ୍କୁ ନିର୍ଯ୍ୟତନା ଦେଇଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଜୟପୁର ଲିଙ୍ଗରାଜ ନଗରର ଚଞ୍ଚଳା ମୁଦୁଲି ଗତ ୫ ବର୍ଷ ତଳେ ମାଧବେଶ ମାରାଣ୍ଡିଙ୍କୁ ବିବାହ କରିଥିଲେ। ବିବାହର ୪ ବର୍ଷ ସବୁକିଛି ଠିକରେ ଚାଲିଥିଲା। ପରବର୍ତ୍ତୀ ସମୟରେ ପ୍ରଥମ ସ୍ତ୍ରୀଙ୍କୁ ନର୍ଯ୍ୟତନା ଦେବା ସହ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିଥିଲେ। ଏନେଇ ଚଞ୍ଚଳା ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ମହିଳା ଥାନା ଅଧିକାରୀ ମମତା ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ଆଜି ଉମରକୋଟ୍ ୧୨ ଘଣ୍ଟା ବନ୍ଦ

ଉମରକୋଟ୍, ୧୮।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ୍ ସହରରେ ହିନ୍ଦୁ ସଙ୍ଗଠନ ପକ୍ଷରୁ ବୁଧବାର ୧୨ ଘଣ୍ଟା ବନ୍ଦ ଡାକରା ଦିଆଯାଇଛି। ମଙ୍ଗଳବାର ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର, ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର ଓ ଉମରକୋଟ ଥାନାରେ ଲିଖିତ ଭାବେ ବନ୍ଦ ସମ୍ପର୍କରେ ଅବଗତ କରାଯାଇଛି। ସକାଳ ୬ରୁ ସନ୍ଧ୍ୟା ୬ ଘଣ୍ଟା ଯାଏଁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହିନ୍ଦୁ ସଙ୍ଗଠନ ପକ୍ଷରୁ ସହରରେ ଡାକବାଜି ଯନ୍ତ୍ର ସହାୟତାରେ ଲୋକଙ୍କୁ ସୂଚନା ଦିଆଯାଇଛି। ସମ୍ବଲପୁରରେ ହିନ୍ଦୁ ସମ୍ପ୍ରଦାୟର ଲୋକଙ୍କ ଉପରେ ହୋଇଥିବା ସଂଘବଦ୍ଧ ଆକ୍ରମଣକୁ ବିରୋଧକରି ୧୯ରେ ସମସ୍ତ ଦୋକାନ ବଜାର, ଯାନବାହନ ଚଳାଚଳ ବନ୍ଦ କରିବାକୁ ଡାକରା ଦିଆଯାଇଛି। ଆକ୍ରମଣକରୀଙ୍କୁ ଓ ହିନ୍ଦୁମାନଙ୍କ ପୂଜା ପାର୍ବଣ, ମନ୍ଦିର ଉପରେ ଆକ୍ରମଣ କରୁଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡଦେବାକୁ ଦାବି କରାଯାଇଛି। ଏହି ବନ୍ଦ ସମୟରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବ। ପୁରୁଣା ବସ୍‌ଷ୍ଟାଣ୍ଡରେ ଏକ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଛି। ସମସ୍ତ ବ୍ୟବସାୟୀ ଦୋକାନ ବନ୍ଦକରି ସହଯୋଗ କରିବାକୁ ବଣିକ ସଂଘ ସମ୍ପାଦକ ଲକ୍ଷ୍ମଣ ଅଗ୍ରୱାଲଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି।

## ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୧୮।୪(ନି.ପ୍ର.)

ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଜୟପୁର ସଦର ପୋଲିସ। ସେ ହେଲେ ଧନପତି ହରିଜନ (୪୮)। ପୋଲିସ ସୂଚନା ଅନୁଯାୟୀ, ଜୟପୁର ସଦର ଥାନା ଅନ୍ତର୍ଗତ ନନ୍ଦଗୁଡ଼ାର ଧନପତି ହରିଜନଙ୍କ ନାମରେ ଗତ ୨୦୧୯ ମସିହାରେ ଏକ ଅପରାଧିକ ମାମଲା ରହିଥିଲା। ସେହିଦିନଠାରୁ ସେ ଫେରାର ଥିଲେ। ପୋଲିସ ସୂଚନା ପାଇ ନନ୍ଦଗୁଡ଼ାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଗୋଟିଏ ଶ୍ରେଣୀଗୃହରେ ପଢୁଛନ୍ତି ୮ ଶ୍ରେଣୀର ୮୨ ଛାତ୍ରୀଛାତ୍ର

**ମାଥିଲିରେ ଶିକ୍ଷା ବ୍ୟବସ୍ଥା ବାଟମଣା**

ମାଥିଲି,୧୮।୪(ଡି.ଏନ୍.ଏ.)

ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ବହୁ ଅର୍ଥ ବ୍ୟୟ କରୁଛନ୍ତି। ସ୍ମାର୍ଟ କ୍ଲାସ୍‌ରୁମ୍ ଓ ସ୍ମାର୍ଟ ବିଦ୍ୟାଳୟ ପ୍ରତିଷ୍ଠାକରି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଲାଗି ଉଦ୍ୟମ କରୁଛନ୍ତି। ଏହା ସତ୍ତ୍ୱେ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାର ମାଥିଲି ବ୍ଲକରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। କେଉଁଠି ବିଦ୍ୟାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ତ କେଉଁଠି ଶିକ୍ଷକ ଅଭାବ ଓ ଶ୍ରେଣୀଗୃହ ଅଭାବରୁ ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି। ଫଳରେ ବିଦ୍ୟାଳୟମୁହାଁ ହେବାକୁ ଅନିଚ୍ଛୁକ ହେଉଛନ୍ତି ଛାତ୍ରୀଛାତ୍ର। ମାଥିଲି ବ୍ଲକ ବି.ପୂଜାରିଗୁଡ଼ାରେ ଥିବା ସରକାରୀ ଉପ୍ରା ବିଦ୍ୟାଳୟର ଅବସ୍ଥାରୁ ଏଠାରେ ଶିକ୍ଷାଦାନର ସ୍ଥିତି ବେଶ୍ ଅନୁମେୟ। ଏଠାରେ ପ୍ରଥମରୁ ଅଷ୍ଟମ ଯାଏ ମୋଟ ୮୨ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ୮ଟି କ୍ଲାସ୍‌କୁ ମାତ୍ର ୩ ଜଣ ଶିକ୍ଷକ ସମ୍ଭାଳୁଛନ୍ତି। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ରହିଛି ଗୋଟିଏ ମାତ୍ର ଶ୍ରେଣୀଗୃହ। ଖରା ହେଉ ବା ବର୍ଷା ସେହି ଗୋଟିଏ ଶ୍ରେଣୀଗୃହରେ ସମସ୍ତଙ୍କୁ ବସେଇ ଶିକ୍ଷାଦାନ କରୁଛନ୍ତି ଶିକ୍ଷକ। ଶିକ୍ଷକମାନେ ପିଲାଙ୍କୁ ପାଠ ପଢ଼ାଇବା ସମୟରେ ଅସୁବିଧା ହେଉଥିବା ବେଳେ ପିଲାମାନେ ମଧ୍ୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ଅଭିଭାବକ ଏବଂ ସ୍କୁଲ ପରିଚାଳନା କମିଟି ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଜରାଜୀର୍ଣ୍ଣ ହୋଇ ପଡିଥିବା ସ୍କୁଲ ଗୃହ । ଗୋଟିଏ ଗୃହରେ ୮ଟି ଶ୍ରେଣୀର ଛାତ୍ରୀଛାତ୍ର ବସି ପଢୁଛନ୍ତି।

# ଜିଲା ଚିକିତ୍ସାଳୟରେ ୨ ଭବନକୁ ଲୋକାର୍ପଣ କଲେ ବିଧାୟକ


ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଉଦ୍‌ଘାଟନ କରୁଛନ୍ତି।

ଜୟପୁର,୧୮।୪(ନି.ପ୍ର.)

ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ଟି ଭବନ ଲୋକାର୍ପଣ ହୋଇଛି । ବିଧାୟକ ତାରା ପ୍ରସାଦ ବାହନୀପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଲୋକାର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧୀକାରୀ ଅରୁଣ ପାଢୀ, ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ରବୀନ୍ଦ୍ର ନାଥ ମିଶ୍ର, ହସ୍ପିଟାଲ ମ୍ୟାନେଜର ରୂପସୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଚିକିତ୍ସାଳୟରେ କର୍ମଚାରୀ ସାମୂହିକ ଭବନ ଓ ରୋଗୀ ସହାୟକ ବିଶ୍ରାମ ଭବନ ଲୋକାର୍ପଣ କରାଯାଇଛି। ପାଖାପାଖି ୧ କୋଟି ୨୦ ଲକ୍ଷ ଟଙ୍କା ବିନିମୟରେ ଏହା ନିର୍ମାଣ ହୋଇଛି। ଏହାଦ୍ୱାରା ରୋଗୀ ଉପକୃତ ହେବେ ବୋଲି ବିଧାୟକ ବାହିନୀପତି କହିଛନ୍ତି।

# ଆମ୍ବୁଲାନ୍ସ ଆଗରେ ମୃତଦେହ ରଖି ରାସ୍ତାରୋକୋ

■ ତେଲେଙ୍ଗାନାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

■ ରେଡକ୍ରସ ପାଣ୍ଠିରୁ ସହାୟତା ପରେ ହଟିଲା ରାସ୍ତାରୋକୋ

ଚନ୍ଦାହାଣ୍ଡି, ୧୮।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ କେନ୍ଦୁଗୁଡା ଗ୍ରାମର ମକାରୁ ବାଘଙ୍କ ପୁଅ ମକୁନ୍ଦ ବାଘ (୪୨) ଦାଦନ ଖଟିବାକୁ ପରିବାର ସହ ବାହାର ରାଜ୍ୟକୁ ଯାଇଥିଲେ । କିନ୍ତୁ ସେଠାରେ କାମ କରିବା ସମୟରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ମୃତଦେହ ଘରକୁ ଫେରିଥିବାବେଳେ ସରକାରୀ ସହାୟତା ଯୋଗାଇବା ଦାବିରେ ପିସିସି ସମ୍ପାଦକ କ୍ଷେମରାଜ ବାଘଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଆମ୍ବୁଲାନ୍ସ ସମ୍ମୁଖରେ ରାସ୍ତା ଉପରେ ଧାରଣା ଦେଇଥିଲେ। ଚନ୍ଦାହାଣ୍ଡି ରାଜସ୍ୱ ଉପପରିଦର୍ଶକ ଦୟାନିଧି ଜାନୀ ଓ ରାଜସ୍ୱ ନିରୀକ୍ଷକ ବୁଲୁ ପ୍ରଧାନ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦେବା ପରେ ରାସ୍ତାରୋକୋ ହଟିଥିଲା।


କ୍ଷତିପୂରଣ ଦାବିରେ ପରିବାର ଲୋକେ ରାସ୍ତାରୋକ କରିଛନ୍ତି।

ସୂଚନାନୁଯାୟୀ ଚନ୍ଦାହାଣ୍ଡି ବ୍ଲକ କେନ୍ଦୁଗୁଡା ଗ୍ରାମର ମୁକୁନ୍ଦ ବାଘ ଦୁଇ ପୁଅ, ଦୁଇ ଝିଅ ଓ ସ୍ତ୍ରୀଙ୍କୁ ନେଇ ତେଲେଙ୍ଗାନା ରାଜ୍ୟର ଖମନ ଜିଲାରେ ଏକ ଇଟାଭାଟିରେ କାମ କରିବାକୁ ଯାଇଥିଲେ। ସୋମବାର ସକାଳେ ଉକ୍ତ ଇଟାଭାଟିରେ କାମ କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଇଟାଭାଟି ମାଲିକ ମୁକୁନ୍ଦଙ୍କ ମୃତଦେହକୁ ଏକ ଆମ୍ବୁଲାନ୍ସ ଯୋଗେ ଗାଁକୁ ପଠାଇ ଦେଇଥିଲେ। ତେବେ କ୍ଷତିପୂରଣ ଦାବିରେ ଦୀଘ ସମୟ ରାସ୍ତାରୋକୋ କରାଯାଇଥିଲା। ଏହାପରେ ପିସିସି ସମ୍ପାଦକ କ୍ଷେମରାଜ ବାଘ ନବରଙ୍ଗପୁର ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କ ସହ ଆଲୋଚନା କରିଥିଲେ। ପରେ ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି କ୍ଷତିପୂରଣ ଦେବାପରେ ରାସ୍ତାରୋକୋ ହଟିଥିଲା।

# ଜିଲାପାଳ, ସିଡିଏମ୍‌ଓଙ୍କୁ ଭେଟି ତଦନ୍ତ ଦାବି କଲା କଂଗ୍ରେସ

**ଚିକିତ୍ସା ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ଘଟଣା**

ଉମରକୋଟ,୧୮।୪(ସ୍ୱ.ପ୍ର.)

ଉମରକୋଟ ସହର ବଡ଼ କୁମାରୀ ଗ୍ରାମର ଜଣେ ଗର୍ଭବତୀଙ୍କ ଚିକିତ୍ସା ଅବହେଳାରୁ ରବିବାର ମୃତ୍ୟୁ ହୋଇଥିବା ନେଇ ତାଙ୍କ ପରିବାର ଅଭିଯୋଗ କରିବା ସହ ଥାନାରେ ଏତଲା ଦେଇଥିଲେ। ମଙ୍ଗଳବାର ଉମରକୋଟ କଂଗ୍ରେସ ନେତା ସନରାଜ ଗଣ୍ଡଙ୍କ ନେତୃତ୍ୱରେ ଗଠିତ ଏକ ଟିମ ପ୍ରଥମେ ବଡ଼କୁମାରୀ ଯାଇ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ପରେ କଂଗ୍ରେସ ଦଳର ଏହି ଟିମ ଉମରକୋଟ ଥାନାଧିକାରୀଙ୍କ ସହ ଭେଟି ତଦନ୍ତ ଆଗେଇବାକୁ ଦାବି କରିଥିଲେ। ପରେ ଏହି ଟିମ ନବରଙ୍ଗପୁର ଆସି ସିଡିଏମ୍‌ଓଙ୍କୁ ଭେଟି ଏହାର ତଦନ୍ତ କହିବା ସହ ଚିକିତ୍ସାବେଳେ ଉପସ୍ଥିତ ଡାକ୍ତର ସୁମନ୍ତ କୁମାର ରାଉଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ତାଙ୍କ ବଦଳି ଦାବି କରାଯାଇଛି। ୨ ଦିନ ମଧ୍ୟରେ ଉମରକୋଟ ଯାଇ ତଦନ୍ତ କରିବି ବୋଲି ସିଡିଏମ୍‌ଓ ପ୍ରତିଶ୍ରୁତି ଦେଇଥିବା କଂଗ୍ରେସ ନେତା ଟୁଲୁ ସାହୁ କହିଛନ୍ତି। ଏହି ସମୟରେ ସନରାଜ ଗଣ୍ଡଙ୍କ ସହ ହାରାବତି ଗଣ୍ଡ, କାଉନସିଲର ମୁନା ପାଢ଼ି,ପର୍ଶୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ସିଡିଏମ୍‌ଓଙ୍କ ସହ କଂଗ୍ରେସ ନେତା ଓ କର୍ମୀ ଆଲୋଚନା କରୁଛନ୍ତି।

# ଝରିଗାଁରେ ମାଓବାଦୀ ଲିଫ୍‌ଲେଟ

**ବିଳେଇଲାଟି ବହୁମୁଖୀ ଜଳ ପ୍ରକଳ୍ପ, ସତୀଘାଟ ନଦୀବନ୍ଧ ଯୋଜନାକୁ ବିରୋଧ**

ଝରିଗାଁ, ୧୮।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ସଦରସ୍ଥିତ ସେଣ୍ଟ୍ରାଲ ନର୍ସରୀ ନିକଟରେ ମାଓବାଦୀ ଲିଫ୍‌ଲେଟ ଦେଖିବାକୁ ମିଳିଛି। ଏହି ଲିଫ୍‌ଲେଟରେ ବିଳେଇଲାଟିରେ ପ୍ରସ୍ତାବିତ ତେଲ୍ ନଦୀ ଉପରେ ବହୁମୁଖୀ ଜଳ ପ୍ରକଳ୍ପ ଓ ଚଟା ପଞ୍ଚାୟତ ଗବାଗୁଡା ନିକଟ ସତୀଘାଟରେ ପ୍ରସ୍ତାବିତ ନଦୀବନ୍ଧ ଯୋଜନାକୁ ବିରୋଧ କରାଯାଇଛି। କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ସହିତ ସ୍ଥାନୀୟ ଏମ୍‌ପି, ବିଧାୟକ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବିରୋଧ କରିବା ସହ ଅତିଶୀଘ୍ର ପ୍ରକଳ୍ପକୁ ବନ୍ଦ କରା ନ ଗଲେ ମାଓବାଦୀ ସଂଗଠନ ପକ୍ଷରୁ ପ୍ରଜାକୋର୍ଟରେ ଦଣ୍ଡ ଦିଆଯିବ ବୋଲି ଭାରତ କମ୍ୟୁନିଷ୍ଟ ପାର୍ଟି (ଭାକପା) ମାଓବାଦୀ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି ।

ଏହି ପ୍ରକଳ୍ପ ହେଲେ ୧୦ ହଜାର ପରିବାର ବିସ୍ଥାପିତ ହେବେ। ଜଙ୍ଗଲବାସୀଙ୍କ ଜମି, ଜଙ୍ଗଲ, ଦେବୀ ଦେବତା ଓ ସାଂସ୍କୃତିକ ଅନୁଷ୍ଠାନ ନଷ୍ଟ ହେବ। ଲୋକ ରୋଜଗାର ହରାଇବେ ବୋଲି ଉକ୍ତ ଲିଫ୍‌ଲେଟରେ ଉଲ୍ଲେଖ ରହିଛି। ରାଇଘର, ଉମରକୋଟ, ଝରିଗାଁ ବନ ବିଭାଗର ରେଞ୍ଜର ଓ ଫରେଷ୍ଟର ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ଜଙ୍ଗଲ ଜମି ପଟ୍ଟା ଦେଉନାହାନ୍ତି। ଜଙ୍ଗଲ ସାହୁକାର ଓ ମହାଜନ ଆଦିବାସୀ ଲୋକଙ୍କ ଜମିକୁ ବନ୍ଧକ କିମ୍ବା କିଣି ନେଇ ବିଭିନ୍ନ ପ୍ରକାର ରାସାୟନିକ ସାର ପ୍ରୟୋଗ କରିବା ଦ୍ୱାରା ଜମିର ଉର୍ବରତା ନଷ୍ଟ ହେଉଛି। ସେଥିପାଇଁ କ୍ରୟ ବା ବନ୍ଧକ ଜମିକୁ ତୁରନ୍ତ ଆଦିବାସୀଙ୍କୁ ଫେରସ୍ତ କରିବାକୁ କୁହାଯାଇଛି। ଏପରି ନ କଲେ ଆଗାମୀ ସମୟରେ ପ୍ରଜାକୋର୍ଟ ସହିତ ଦଣ୍ଡିତ କରାଯିବ ବୋଲି ଚେତାବନୀ ଦିଆଯାଇଛି। ମାଓବାଦୀଙ୍କ ଲିଫ୍‌ଲେଟ ଖବରପାଇ ସ୍ଥାନୀୟ ଥାନାଧିକାରୀ ତପନ କୁମାର ପତି, ଏଏସ୍‌ଆଇ ଅଶୋକ କୁମାର ପାଳ ଘଟଣାସ୍ଥଳରେ ପହଞ୍ଚି ସେ ସବୁକୁ ଜବତ କରିଛନ୍ତି। ସୂଚନାନୁଯାୟୀ, ସୋମବାର ରାଇଘର ବ୍ଲକରେ ମାଓବାଦୀ ପୋଷ୍ଟର ମିଳିଥିଲା। ଏଥିରେ ସିଆର୍‌ପିଏଫ୍ କ୍ୟାମ୍ପକୁ ବିରୋଧ କରାଯାଇଛି।



# ସମସ୍ୟା ଘେରରେ ଆଦିବାସୀ ଗାଁର ଆଦର୍ଶ ସ୍କୁଲ

■ ୨୮୯ ଛାତ୍ରୀଛାତ୍ରଙ୍କୁ ୪ ଶିକ୍ଷକ

■ ସ୍କୁଲରେ ରହିଛି ବିଦ୍ୟୁତ୍, ପାନୀୟ ଜଳ , ଶୌଚାଳୟ ସମସ୍ୟା

■ ପାଠ ସହ ପିଲାଙ୍କୁ ଦିଆଯାଉଛି ବିଭିନ୍ନ ଘରକରଣା ସାମଗ୍ରୀ ତିଆରି ଶିକ୍ଷା

ଡାବୁଗାଁ, ୧୮।୪ (ଡି.ଏନ୍.ଏ.)

ସରକାର ପାଠ୍ୟକ୍ରମ ପାଇଁ ବ୍ୟାପକ ଅନୁଦାନ ଖର୍ଚ୍ଚ କରୁଛନ୍ତି। ୫-ଟି ନାମରେ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ଓ ସ୍ମାର୍ଟ କ୍ଲାସ୍‌ରୁମ୍ ମଧ୍ୟ କରୁଛନ୍ତି। ଡାବୁଗାଁ ବ୍ଲକ ବଡଓଲମା ଆଶ୍ରମ ବିଦ୍ୟାଳୟ ଏକ ଆଦର୍ଶ ସ୍କୁଲ। ଚଳିତ ବର୍ଷ ଅଷ୍ଟମ ଶ୍ରେଣୀର ଜଣେ ପିଲା ଛାତ୍ରବୃତ୍ତି ପାଉଛନ୍ତି। ହେଲେ ସେଠାରେ ଅନେକ ସମସ୍ୟା ରହିଛି। ସ୍କୁଲ ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ଅଦରକାରୀ ସାମଗ୍ରୀରୁ ଆସନ, ସଉପ, ଫୁଲତୋଡ଼ା ଆଦି ତିଆରି କରୁଛନ୍ତି। ଏହା ପରିଦର୍ଶକଙ୍କ ମନ ମୋହୁଛି। ଦାନ୍ତଘଷା ପେଷ୍ଟ ଖୋଳରେ ଶାର୍ଟ ତିଆରି କରିଛନ୍ତି। ଛାତ୍ରୀମାନେ ହଷ୍ଟେଲ ପାଇଁ ଫିନାଇଲ ଆଦି ତିଆରି କରୁଛନ୍ତି । ଗଣେଶ ପୂଜା ଓ ସରସ୍ୱତୀ ପୂଜା ପାଇଁ ଛାତ୍ରମାନେ ନିଜେ ମୂର୍ତ୍ତି ତିଆରି କରନ୍ତି। ତଥାପି ମଧ୍ୟ ଏହି ବିଦ୍ୟାଳୟରେ ଶିକ୍ଷକ, ଶ୍ରେଣୀଗୃହ ଅଭାବ ରହିଛି। ଉକ୍ତ ସମସ୍ୟା ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି।

୧୯୮୪ରେ ଜନସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ବଡ଼ଓଲମା ଆଶ୍ରମ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ଗ୍ରାମବାସୀଙ୍କ ସହାୟତାରେ ଝାଟିମାଟିରେ ନିର୍ମିତ ଏକ କୋଠରିରେ ପାଠପଢ଼ା ଆରମ୍ଭ ହୋଇଥିଲା। ୧୯୮୬ରେ ସରକାରଙ୍କ ପକ୍ଷରୁ ୩ କକ୍ଷ ବିଶିଷ୍ଟ ଏକ ବିଦ୍ୟାଳୟ ସହ ହଷ୍ଟେଲ ତିଆରି କରାଯାଇ ଏଠାରେ ୨ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା। ୨୦୧୩ରେ ଅଷ୍ଟମ ଶ୍ରେଣୀ ଖୋଲା ଯାଇଥିଲା। ୬ଷ୍ଠରୁ ୮ମ ଶ୍ରେଣୀରେ ମୋଟ ୨୮୯ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ପିଲାଙ୍କ ଅନୁପାତରେ ଏଠାରେ ୮ଜଣ ଶିକ୍ଷକ ରହିବା କଥା। ମାତ୍ର ୪ ଜଣ ଶିକ୍ଷକରେ ପାଠପଢ଼ା ଚାଲିଛି। ସେହିଭଳି ସ୍କୁଲରେ ଶ୍ରେଣୀଗୃହର ଅଭାବ ରହିଛି। ମାତ୍ର ୩ଟି କୋଠରିରେ ଛାତ୍ରୀଛାତ୍ର ଖୁନ୍ଦାଖୁନ୍ଦି ହୋଇ ବସୁଛନ୍ତି। ଏଠାରେ ୧୦୦ ଶଯ୍ୟା ବିଶିଷ୍ଟ ୨ଟି ଛାତ୍ରୀନିବାସ ଓ ଗୋଟିଏ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ରହିଛି। ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ଖରାଦିନେ ପାନୀୟଜଳ ଓ ବିଦ୍ୟୁତ୍ ସମସ୍ୟା, ଶୌଚାଳୟ ସମସ୍ୟା ସମାଧାନ କରିବାକୁ ବିଦ୍ୟାଳୟ କମିଟି ସଭାପତି ଜଗଦୀଶ ମାଝି, ଉପସଭାପତି ଉପେନ୍ଦ୍ର ବିଷୋୟୀ, ଗୋପାଳ ହରିଜନ, କୁମାରୀ ଭତ୍ରା, ଲକିନାଥ ଭତ୍ରା, ଜ୍ୟୋତି ମିର୍ଗାନ, ମଇନା ଭତ୍ରା ପ୍ରମୁଖ ଦାବି କରିଛନ୍ତି । ହଷ୍ଟେଲରେ ବିଦ୍ୟୁତ୍ ନ ଥିଲେ ପାଣି ଅଭାବ ଦେଖାଯାଏ। ପିଇବା ପାଣି ମିଳେନାହିଁ। ପାଠ ପଢିବା ସହ ହଷ୍ଟେଲ ପାଇଁ ୩ ଜଣ ଛାତ୍ରୀ ମିଶି ଫିନାଇଲ ତିଆରି କରୁଛନ୍ତି ବୋଲି ଅଷ୍ଟମ ଶ୍ରେଣୀ ଛାତ୍ରୀ ସଞ୍ଜୁକ୍ତା ଜାନି କହିଛନ୍ତି। ସ୍କୁଲରେ ଭଲ ପାଠପଢ଼ା ହୁଏ। ପିଲାଙ୍କ ସାଧାରଣ ଜ୍ଞାନ ବଢ଼ାଇବା ପାଇଁ ପ୍ରତିଦିନ ସନ୍ଧ୍ୟା ପ୍ରାର୍ଥନାରେ ଖବରକାଗଜରୁ କୁଇଜ ସଂଗ୍ରହକରି ପିଲାଙ୍କୁ କୁହାଯାଏ। ନେଇ ସପ୍ତମ ଶ୍ରେଣୀ ଛାତ୍ରୀ ରମା ଭାଟ ମତ ଦେଇଛନ୍ତି। ସ୍କୁଲରେ ୬ଜଣ ଛାତ୍ରୀଛାତ୍ର ଏହି ବର୍ଷ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇ ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ଷଷ୍ଠଶ୍ରେଣୀ ଛାତ୍ରୀ ସୁନେଲି ମିର୍ଗାନ କହିଛନ୍ତି। ପାଠ ପଢ଼ିବା ସହ ସ୍କୁଲ ପରିସରରେ ବିଭିନ୍ନ ଫୁଲଗଛ ଲଗାଇ ଏକ ଛୋଟ ବଗିଚା କରି ଗଛର ଯତ୍ନ ନେଉଛନ୍ତି ବୋଲି ଅଷ୍ଟମ ଶ୍ରେଣୀର ବାସୁଦେବ ମାଝି କହିଛନ୍ତି। ସ୍କୁଲରେ ଘର ଭଳି ସମସ୍ତ ପର୍ବପର୍ବାଣି ପାଳନ କରାଯାଉଛି। ତେଣୁ ଏଠାରେ ରହି ପଢ଼ିବାକୁ ଭଲ ଲାଗୁଛି। ପ୍ରତିଦିନ ସକାଳୁ ଯୋଗ ଶିକ୍ଷା ଦିଆଯାଉଛି ବୋଲି ଅଷ୍ଟମ ଶ୍ରେଣୀର ତ୍ରିଲୋଚନ ସାନ୍ତା କହିଛନ୍ତି। ସ୍କୁଲ ପରିବେଶ ବହୁତ ଭଲ ବୋଲି ସପ୍ତମ ଶ୍ରେଣୀର ରଞ୍ଜନ ସାନ୍ତା କହିଛନ୍ତି। ସ୍କୁଲର ବିଭିନ୍ନ ସମସ୍ୟା ସତ୍ତ୍ୱେ ଆମେ ପାଠପଢ଼ାରେ ଅଧିକ ମନୋନିବେଶ କରୁଛୁ। ଛାତ୍ରୀଛାତ୍ର ଯେପରି ବିଭିନ୍ନ କ୍ଷେତ୍ରରେ କୃତକାର୍ଯ୍ୟ ହେବେ ସେଥିପାଇଁ ସବୁବେଳେ ଚେଷ୍ଟା କରୁଛୁ। ପିଲାମାନେ ବିଦ୍ୟାଳୟ ଛୁଟି ପରେ ବିସ୍କୁଟ ଜରି ଓ ପେଷ୍ଟ ଖୋଳରେ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ତିଆରି କରୁଛନ୍ତି ବୋଲି ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ବେହେରା କହିଛନ୍ତି।


ପିଲାମାନେ ତିଆରି କରିଥିବା ଆସନ ଦେଖାଉଛନ୍ତି।

